୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.37 Bhubaneswar Tuesday March 12 2024 | ୨୬ତମ ବର୍ଷ ସଂଖ୍ୟା-୩୭ ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୨, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS







## ଅଗ୍ନି ୫ର ସଫଳ ପରୀକ୍ଷଣ, ଡିଆର୍‌ଡିଓ ବୈଜ୍ଞାନିକଙ୍କୁ ସାବାସୀ ଦେଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୭ ।୩(ପି.ଏନ): ବାଲେଶ୍ୱର ଅବଦୁଲ କଲାମ ଦ୍ୱୀପରେ ଅଗ୍ନି-୫ର ସଫଳ ପରୀକ୍ଷଣ କରାଯାଇଛି । ଏହି ଅଗ୍ନି ୫ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ ମିଜାଇଲ୍ । ଏହା ଅଗ୍ନି ୫ର ୨୫ତମ ଭର୍ସନର ପରୀକ୍ଷଣ । ଏହି ଅଗ୍ନି ୫ ବାଲିଷ୍ଟିକ୍ ମିଜାଇଲର ୫ହଜାର କିମି ଲକ୍ଷ୍ୟଭେଦ କ୍ଷମତା ରହିଛି । ଏହା ବ୍ୟତିତ ୧.୫ ଟନ୍ ଓଜନର ଅଣୁ/ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବା କ୍ଷମତା ରହିଛି । ଏହି ପରୀକ୍ଷଣ ନେଇ ଡିଆର୍‌ଡିଓ ବୈଜ୍ଞାନିକଙ୍କୁ ସାବାସୀ ଦେଲେ ପ୍ରଧାନମନ୍ତ୍ରୀ ।



## ମୋଦି ଅରୁଣାଚ୍ଳ ଯିବାରୁ ରାଗିଲା ଚ଼ାଇନା

ଭୁବନେଶ୍ୱର,୧୧ ।୩(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅରୁଣାଚ଼ଳ ଗସ୍ତ କରିବା ସହ ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସେଲା ଟନେଲର ଉଦଘାଟନ କରିଥିଲେ। ବାଇ ଲେନ ଟନେଲକୁ ମୋଦି ଉଦଘାଟନ କରିବା ସହ ଅରୁଣାଚ଼ଳ ଗସ୍ତ କରିଥିବାରୁ ଚ଼ାଇନା ଏହାକୁ ବିରୋଧ କରିଛି।ଚ଼ାଇନା ମୋଦିଙ୍କ ଗସ୍ତକୁ ବିରୋଧ କରି କୂଟନୀତିକସ୍ତରରେ ଏହାର ପ୍ରତିବାଦ କରିଛି। ଚ଼ାଇନାର କହିବା କଥା ଯେ ଅରୁଣାଚ଼ଳ ପ୍ରଦେଶ ହେଉଛି ଦକ୍ଷିଣ ତିବ୍ବତର ଅଂଶବିଶେଷ। ଭାରତର ଏପରି ହରକତ ସୀମା ବିବାଦକୁ ଅଧିକ ତୀବ୍ର କରିବ।

## ଚ଼ାଷୀଙ୍କ ବ୍ୟାଙ୍କ ଖାତାକୁ ଗଲା 'କାଳିଆ' କିସ୍ତି




ଭୁବନେଶ୍ୱର,୧୧ ।୩(ପି.ଏନ): ଚ଼ାଷୀମାନଙ୍କ ପାଇଁ ଖୁସି ଖବର । ବର୍ତ୍ତମାନ ଚ଼ାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ ଖାତାକୁ କାଳିଆ କିସ୍ତି ଟଙ୍କା ଜାରି କରାଯାଇଛି । ଏହି କାଳିଆ କିସ୍ତି ଟଙ୍କାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହସ୍ତାନ୍ତର କରିଛନ୍ତି । ୪୬ ଲକ୍ଷରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚ଼ାଷୀଙ୍କ ଖାତକୁ ଟଙ୍କା ଯାଇଛି । ୧୮ ଲକ୍ଷରୁ ଅଧିକ ଭୂମିହୀନ କୃଷକ ପରିବାରକୁ ସହାୟତା ପ୍ରଦାନ କରାଯାଇଛି ।କାଳିଆ ଯୋଜନାକୁ ନେଇ ବଡ ଘୋଷଣା କରାଯିବା ପରେ ଏବେ ରାଜ୍ୟର ଲକ୍ଷ ଲକ୍ଷ ଚ଼ାଷୀ ଲାଭ ପାଇଛନ୍ତି । ଏହାରି ମଧ୍ୟରେ ଆଉ ଏକ ବଡ ଘୋଷଣା କରିଥିଲେ ଓଡ଼ିଶା ସରକାର । ଯେଉଁଥିରେ ଭୂମିହୀନ ଚ଼ାଷୀଙ୍କୁ ମିଳିବ ଫାଇଦା । ଭୂମିହୀନ ଚ଼ାଷୀଙ୍କୁ ବି ମିଳିବ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଭୂମିହୀନ ଚ଼ାଷୀଙ୍କୁ ଅତିରିକ୍ତ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି ରାଜ୍ୟ ସରକାର । ଏଥିପାଇଁ ଅତିରିକ୍ତ ଭାବେ ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେବ । କାଳିଆ ଯୋଜନାର ହିତାଧିକାରୀ ଥିବା ଭୂମିହୀନ ଚ଼ାଷୀ ପରିବାରକୁ ଆଉ ୨ ହଜାର ଟଙ୍କାର ଅତିରିକ୍ତ ସହାୟତା ମିଳିଛି।











## ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

## ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଋହଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଋମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ



ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ–ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆର୍ଡ୍ସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷିୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଋଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ ‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଋଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆସିୟୁରେ ହେଲା ବିବାହ



ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ**
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ**
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ**
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ**
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ**
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା**
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା**
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା**
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ**
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର**
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ**
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ**
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




## ଧର୍ମଶାଳା ବିପିଏଚ୍‌ଓଙ୍କ ବଦଳି

ଧର୍ମଶାଳା (ପିଏନ୍): ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ବ୍ଲକ୍ ଜନସ୍ୱାସ୍ଥ୍ୟ ଅଧିକାରୀ (ବିପିଏଚ୍‌ଓ) ଡ. ସୁଧୀର କୁମାର ସାହୁଙ୍କୁ ମାର୍କଣ୍ଡପୁର ସିଏଚ୍‌ସିକୁ ବଦଳି କରାଯାଇଛି । ଏ ସଂପର୍କରେ ଗତ ୧୮ ତାରିଖରେ ଯାଜପୁର ସିଡିଏମ୍‌ଓ କାର୍ଯ୍ୟାଳୟ ପତ୍ରସଂଖ୍ୟା-୭୯୧୩ରେ ବିଜ୍ଞପ୍ତି ପ୍ରକାଶ ପାଇଛି । ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଡ. ମାନସ ରଂଜନ ସ୍ୱାଇଁ ଏହି ପଦବୀରେ ରହିବେ ବୋଲି ଉକ୍ତ ବିଜ୍ଞପ୍ତିରେ କୁହାଯାଇଛି । ବ୍ୟକ୍ତିଗତ ସମସ୍ୟାକୁ ନେଇ ବିବାଦୀୟ ହୋଇ ପଡ଼ିଥିବା ଡ. ସାହୁ ଧର୍ମଶାଳାରୁ ବଦଳି ହୋଇଯିବା ପାଇଁ ଉଦ୍ୟମ କରୁଥିଲେ । ଗତକାଲି ସେ ଧର୍ମଶାଳା ଛାଡ଼ିଥିବା ବେଳେ ତାଙ୍କ ସ୍ଥାନରେ ପୂର୍ବତନ ଭାରପ୍ରାପ୍ତ ବିପିଏଚ୍‌ଓ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି ।

## ସୂଚନା ନମିଳିଲେ ତହସିଲ ଆଗରେ ଧାରଣା

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ସୂଚନା ଅଧିକାର କର୍ମୀଙ୍କୁ ମିଳୁନି ତଥ୍ୟ । ୩୫ ଦିନ ମଧ୍ୟରେ ଅଧିକାରୀ ସୂଚନା ଦେବାକୁ ନିୟମ ରହିଥିବା ବେଳେ ୬ ମାସ ବିତିଯାଇଥିଲେ ମଧ୍ୟ ଏଠାରେ ତଥ୍ୟ ଦିଆଯାଉ ନାହିଁ । ଏଭଳି ଅଭିଯୋଗ ଉଠାଇଛନ୍ତି ସୁନ୍ଦୁରିଆ ପଞ୍ଚାୟତ ସାରୋଇ ଗ୍ରାମର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା । ସୂଚନା ଅଧିକାର ଆଇନ ବଳରେ ତଥ୍ୟ ପ୍ରଦାନ ପାଇଁ ସମସ୍ତ ସରକାରୀ କାର୍ଯ୍ୟାଳୟରେ ବ୍ୟବସ୍ଥା କରାଯାଇଛି । ହେଲେ ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିଥିବା ଶ୍ରୀ ବେହୁରା ଅଭିଯୋଗରେ ଦର୍ଶାଇଛନ୍ତି । ତହସିଲ କାର୍ଯ୍ୟାଳୟକୁ ବିଭିନ୍ନ ପ୍ରସଙ୍ଗରେ ସେ ସୂଚନା ଅଧିକାର ଆଇନ ବଳରେ ୪୦ରୁ ଅଧିକ ତଥ୍ୟ ମାଗିଥିଲେ । ମାତ୍ର ତହସିଲ କାର୍ଯ୍ୟାଳୟରୁ ତାଙ୍କୁ କୌଣସି ତଥ୍ୟ ପ୍ରଦାନ କରାଯାଉ ନାହିଁ । ଏହି ତହସିଲ ଦୁର୍ନୀତିକୁ ଘଣ୍ଟ ଘୋଡ଼ାଉଥିବା ବେଳେ ତାଙ୍କ ଅଧିକାରରୁ ତାଙ୍କୁ ବଞ୍ଚିତ କରାଯାଉଛି । ତେବେ ଆଗାମୀ ୧୫ ଦିନ ମଧ୍ୟରେ ତାଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରା ନ ଗଲେ ସେ ଆସନ୍ତା ୪ ତାରିଖଠାରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇବା ସହ ଏହାର ନକଲ ଯାଜପୁର ଜିଲ୍ଲାପାଳ ଓ ଥାନା ଅଧିକାରୀଙ୍କୁ ପଠାଇଥିବା କହିଛନ୍ତି ।

## ମହିଳାଙ୍କ ପରଲୋକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ଗ୍ରାମର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ପରିଦର୍ଶକ ସ୍ୱର୍ଗତଃ ମହମ୍ମଦ ଅବଦୁଲ୍‌ଙ୍କ ପତ୍ନୀ ଜେବୁନ୍ ନିଶା (୮୭)ଙ୍କର ପରଲୋକ ହୋଇଯାଇଛି । କିଛିଦିନ ହେଲା ଅସୁସ୍ଥ ହୋଇ ସେ ଚିକିତ୍ସାଧୀନ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ପୁଅ ମହମ୍ମଦ ଜଫ୍‌ରୁଲ୍ଲା, ମହମ୍ମଦ ଅଜିଜୁଲ୍ଲା ଓ ମହମ୍ମଦ ସଫିଉଲ୍ଲାଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଖବରପାଇ ଜୋନ୍-୧୪ ବିଜେଡ଼ି ସଂଯୋଜକ ମଦନମୋହନ ନାୟକ, ସରପଞ୍ଚ ପ୍ରଦ୍ୟୁମ୍ନ ମହାନ୍ତି, ସମିତି ସଭ୍ୟ ପ୍ରିୟବ୍ରତ ପ୍ରଧାନ, ଶିକ୍ଷୟିତ୍ରୀ ନିବେଦିତା ଦାଶ, ଶିକ୍ଷକ ପ୍ରଭାତ ଜେନା ପ୍ରମୁଖ ଶେଷଦର୍ଶନ କରିଥିଲେ । ପରେ ଗ୍ରାମସ୍ଥିତ କବରସ୍ଥଳୀରେ ଜେବୁନ୍ ନିଶାଙ୍କୁ କବର ଦିଆଯାଇଥିଲା ।

# ୩୦ ମହିଳାଙ୍କ ରୋଜଗାରର ମାଧ୍ୟମ ପାଲଟିଛନ୍ତି ମିନତୀ

ଧର୍ମଶାଳା (ପିଏନ୍): ୩୦ରୁ ଅଧିକ ମହିଳାଙ୍କ ରୋଜଗାରର ମାଧ୍ୟମ ପାଲଟିଛନ୍ତି ଧର୍ମଶାଳା ବ୍ଲକ ଚୋରମୁହାଁ ଗ୍ରାମର ମିନତୀ ନାଥ(୬୧) । ବୟସର ଅପରାହ୍ଣରେ ଥକି ପଡ଼ିନାହାଁନ୍ତି । ଚାନ୍ଦୁଆ, କପଡ଼ା ବ୍ୟାଗ୍ ଓ ଝୋଟରେ ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରି ଏହାକୁ ରାଜ୍ୟ ତଥା ରାଜ୍ୟ ବାହାରେ ହେଉଥିବା ବିଭିନ୍ନ ମେଳା ଓ ମହୋତ୍ସବରେ ବିକ୍ରି କରୁଛନ୍ତି । ଏଥିରୁ ମିଳୁଥିବା ଲାଭାଂଶରୁ ନିଜେ ପରିବାର ପ୍ରତିପୋଷଣ କରିବା ସହିତ ଅନ୍ୟମାନଙ୍କୁ ସ୍ୱାବଲମ୍ବୀ କରାଇପାରିଛନ୍ତି । ପ୍ରତିକୂଳ ପରିସ୍ଥିତି ତାଙ୍କୁ ଅଟକାଇ ପାରିନି ଏହି କାର୍ଯ୍ୟରୁ । ୨୦୦୧ ଜୁନ୍ ୨୧ ତାରିଖରେ ଗାଁର କିଛି ମହିଳାଙ୍କୁ ନେଇ ରାଧାକୃଷ୍ଣ ଶକ୍ତି ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରିଥିଲେ । ସହଯୋଗୀ ମହିଳାଙ୍କ ସହିତ ନିଜେ ଚାନ୍ଦୁଆ, କପଡ଼ା ବ୍ୟାଗ୍ ଓ ଝୋଟରେ ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରିଥାନ୍ତି । ସ୍ଥାନୀୟ ଅଞ୍ଚଳରେ ଏସବୁ ସାମଗ୍ରୀର ବିକ୍ରି ବ୍ୟବସ୍ଥା ନ ଥିବାରୁ ଏହାକୁ କଟକ ବାଲିଯାତ୍ରା, ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା, ପୁରୀ ରଥଯାତ୍ରା, ପାରାଦୀପ ବାଲିଯାତ୍ରା, ବୌଦ୍ଧ ମହୋତ୍ସବ, କୋରାପୁଟ ପର୍ବ, କେନ୍ଦୁଝର ଗୋନାସିକା, ମାଲକାନାଗିରି ମାଲ୍ୟବନ୍ତ, ନବରଙ୍ଗପୁର ମଣ୍ଡେଇ, ରାୟଗଡ଼ା ଚଇତିପର୍ବ, ଭବାନୀପାଟଣା ମହୋତ୍ସବ, ପାରଳାଖେମୁଣ୍ଡି, ବଲାଙ୍ଗିର, ବ୍ରହ୍ମପୁର, ବାଲେଶ୍ୱର, ବାରିପଦା, ନୟାଗଡ଼, ଭୁବନେଶ୍ୱର, ଗଜପତି, ଫୁଲବାଣୀ ପଲ୍ଲୀଶ୍ରୀ ମେଳା, ଧର୍ମଶାଳା ମହୋତ୍ସବ, ଡେରାଡୁନ୍, ଦିଲ୍ଲୀ, ଭୋପାଳ, ଗୋଆ ସିବିଚ୍, କୋଲକତା ଆଦି ବିଭିନ୍ନ ସ୍ଥାନରେ ମିନତୀଙ୍କ ଷ୍ଟଲ୍ ଲାଗିଥାଏ । ପୁରୁଷ ବ୍ୟବସାୟୀଙ୍କ କାନ୍ଧରେ କାନ୍ଧ ମିଶାଇ ସେମାନେ ମଧ୍ୟ ଅସ୍ଥାୟୀ ଷ୍ଟଲରେ ରହି ସେମାନଙ୍କ ନିର୍ମିତ ସାମଗ୍ରୀକୁ ବିକ୍ରି କରିଥାନ୍ତି । ଏଥିପାଇଁ ତାଙ୍କୁ ଆବଶ୍ୟକ ସରକାରୀ ପ୍ରୋତ୍ସାହନ ମିଳିନାହିଁ । ତଥାପି ନିଜର ଅଧ୍ୟବସାୟ ଓ ଏସ୍.ଏଚ୍.ଜି ସଦସ୍ୟାଙ୍କ ସହଯୋଗରେ ନିଜକୁ ଜଣେ ସଫଳ ମହିଳା ଉଦ୍ୟୋଗୀ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଏଥିପାଇଁ ତାଙ୍କ ଅନୁଷ୍ଠାନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାନଗଦିଠାରେ ଶ୍ରେଷ୍ଠ ଏସ୍.ଏଚ୍.ଜି ଭାବେ ପୁରସ୍କୃତ କରିଥିବା ବେଳେ ଓଡ଼ିଶା ଜୀବିକା ମିଶନ, ଜାରକା ଇନର ହୁଇଲ କ୍ଲବ୍, ଇଣ୍ଡିପେଣ୍ଡେଣ୍ଟ୍ ଇନିସିଏଟିଭ୍‌ସ ଓ ବ୍ରହ୍ମପୁରରେ ଶ୍ରେଷ୍ଠ ବିକ୍ରେତା ପୁରସ୍କାର ପାଇଛନ୍ତି । ସ୍ୱାମୀ କମ୍ପାନୀ କର୍ମଚାରୀ ମୁରଲୀଧର ନାଥଙ୍କ ୨୦୨୦ ଏପ୍ରିଲ୍ ୨୪ ତାରିଖରେ ଦେହାନ୍ତ ହୋଇଗଲା ପରେ ଏବେ ଦୁଇ ପୁଅ, ବୋହୂ ଓ ନାତିନାତୁଣୀଙ୍କୁ ନେଇ ତାଙ୍କ ସଂସାର । ଏକମାତ୍ର ଝିଅ ବିବାହିତା । ୧୯୯୭ ପଞ୍ଚାୟତ ନିର୍ବାଚନରେ ସେ ଚୋରମୁହାଁ ସମିତିସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ । ୨୦୦୭ରେ ସାହିରେ ଏକ ବିବାଦର ସମାଧାନ କରିବାକୁ ଯାଇଥିବା ବେଳେ ଏକ ଦୁର୍ଭାଗ୍ୟଜନକ ଘଟଣାକ୍ରମେ ଏସିଡ୍ ମାଡ଼ର ଶିକାର ହୋଇ ନିଜର ସୌନ୍ଦର୍ଯ୍ୟ ହରାଇଥିଲେ । ବ୍ୟବସାୟ ବୃଦ୍ଧି ପାଇଁ ଆର୍ଥିକ ସହାୟତା ସହିତ କଞ୍ଚାମାଲ ସୁବିଧା ଦରରେ ଯୋଗାଇ ଦେବା ଏବଂ ସ୍ଥାନୀୟ ଜାରକା ବଜାରରେ ସେମାନଙ୍କ ଦ୍ୱାରା ନିର୍ମିତ ସାମଗ୍ରୀ ବିକ୍ରି ପାଇଁ ସ୍ଥାୟୀ ଦୋକାନ ଗୃହ ମିଳିଲେ ସେମାନେ ଅଧିକ ରୋଜଗାରକ୍ଷମ ହୋଇପାରିବେ ବୋଲି କହିଛନ୍ତି ମିନତୀ ।

# ଖୋର୍ଦ୍ଧା ସହରର ବିଭିନ୍ନ ସମସ୍ୟା ନେଇ କେଡିସିଏଫଂର ଜିଲ୍ଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଜିଲ୍ଲା ବିପର୍ଯ୍ୟସ୍ତ ଡ୍ରେନ, ପରିମଳ, ଉଠାଦୋକାନୀଙ୍କୁ ଥଇଥାନ ଏବଂ ଶୌଚାଳୟ ନିର୍ମାଣ ଦାବିରେ "ଖୋର୍ଦ୍ଧା ଜିଲା ସିଟିଜନ୍ ଫୋରମ" ପକ୍ଷରୁ ଗତ ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ୧୯୬୦ ମସିହାରେ ଖୋର୍ଦ୍ଧା ସହର ବିଜ୍ଞାପିତ ଅଂଚଳ ପରିଷଦ ଗଠନ ହୋଇଥିଲା । ୨ହଜାର ମସିହାରେ ଏହା ପୌର ପରିଷଦରେ ପରିଣତ ହେଲା । ଇତିମଧ୍ୟରେ ଖୋର୍ଦ୍ଧା ସହର ୬୩ବର୍ଷରେ ପହଂଚିଲାଣି । ତଥାପି ସହରର ବିକାଶ ସ୍ଥାଣୁ ପାଲଟିଛି । ଡ୍ରେନ, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ରାସ୍ତାକଡ ଉଠାଦୋକାନୀ(କ୍ୟାବିନ) ଏବଂ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଅନେକ ଉନ୍ନୟମମୂଳକ ଯୋଜନା ଅଧପନ୍ତରିଆ ଭାବେ ପଡି ରହିଥିବା ବେଳେ ମୁକ୍ତା ଯୋଜନାରେ ବିଭିନ୍ନ ପ୍ରକଳ୍ପରେ ଦୁର୍ନୀତି, ଏକାଧିକ ରାସ୍ତା, ଡ୍ରେନ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର କରାଯାଇଥିବା ଦୃଷ୍ଟି ଗୋଚର ହେଉଛି । ଖୋର୍ଦ୍ଧା ସହର ବିପର୍ଯ୍ୟସ୍ତ ଡ୍ରେନ ଏବଂ ରାସ୍ତାଘାଟ ଦୁରାବସ୍ଥା ଯୋଗୁ ସହରବାସୀ ଅତିଷ୍ଠ ହୋଇପଡିଲେଣି । ବର୍ଷ ବର୍ଷ ଧରି ଡ୍ରେନ ସଫା ହେଉନଥିବାରୁ ସାମାନ୍ୟ ବର୍ଷାରେ ଡ୍ରେନପାଣି ନିଷ୍କାସନ ହୋଇନପାରି ରାସ୍ତାରେ ଭାସୁଥିବା ବେଳେ ସହର ରାସ୍ତାଘାଟ ଖାଲଖମାରେ ପରିଣତ ହୋଇଛି । ଫଳରେ ସହରବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ସହର ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ମୁକୁନ୍ଦପ୍ରସାଦଠାରୁ ଚୁଙ୍ଗୁଡି ଝର, ରାସ୍ତା ସମ୍ପୂର୍ଣ୍ଣ ଖାଲଖମାରେ ପରିଣତ ହୋଇଥିବା ବେଳେ ରାସ୍ତା ଉପରେ ବଡ ବଡ ଗାତ ସୃଷ୍ଟି ହୋଇଛି । ଫଳରେ ଦୈନିକ ଛୋଟବଡ ଦୁର୍ଘଟଣାମାନ ଘଟୁଛି । ଡାକ୍ତରସ ଲେନଠାରୁ ଗୁରୁଜଙ୍ଗଙ୍କୁ ସଂଯୋଗ କରୁଥିବା ରାସ୍ତା, ପୋଷ୍ଟ ଅଫିସ ଛକ, ଚଣ୍ଡିଚୁଆ ଛକଠାରୁ ନୂଆ ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ରାସ୍ତା, ସଦର ଏସଡିପିଓଙ୍କ କାର୍ଯ୍ୟାଳୟ ମେଡିକାଲ ପଛପଟ ସମ୍ମୁଖ ରାସ୍ତା ଖାଲଖମାରେ ପରିଣତ ହୋଇଛି । ଏହିଗୁଡିକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିବା ସତ୍ତ୍ୱେ ଏହାର ମରାମତି ପ୍ରତି ଗୁରୁତ୍ୱ ଦିଆଯାଉନାହିଁ । ନୂଆବସଷ୍ଟାଣ୍ଡଠାରୁ ଚଣ୍ଡିଚୁଆ ଛକ ପର୍ଯ୍ୟନ୍ତ ଗତ ବର୍ଷ ଆର ଆଣ୍ଡ ବି ପକ୍ଷରୁ ରାସ୍ତା ମରାମତି କରାଯାଇଥିଲା । ତେବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା, ଦାୟିତ୍ୱହୀନତାରୁ ଏହି ରାସ୍ତାରେ ପ୍ରତିବର୍ଷ ଗାତ ସୃଷ୍ଟି ହେଉଛି । ଏହି ରାସ୍ତା ନିର୍ମାଣରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି । ଏହା ତଦନ୍ତସାପେକ୍ଷ । ସେହିପରି ନୂଆ ବସଷ୍ଟାଣ୍ଡଠାରୁ ପଲ୍ଲୀ ତୋଟାପଡାକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟ ସମାନ ଦୁରବସ୍ଥା ରହିଛି ।

ସହରର ସବୁଠାରୁ ମୁଣ୍ଡବ୍ୟଥା ସମସ୍ୟା ହେଉଛି ଉଠାଦୋକାନୀ (କ୍ୟାବିନ) ସମସ୍ୟା । ପୁରୁଣା ବସଷ୍ଟାଣ୍ଡ ଠାରୁ ସମବାୟ ଛକ, ପୁରୁଣା ମେଡିକାଲ ରୋଡ, ମାରଓ୍ୱାଡି ପଟି ଏବଂ ଏସବିଆଇ ଛକରେ ପ୍ରାୟ ୫୪୦ରୁ ଊର୍ଦ୍ଧ୍ୱ ଉଠାଦୋକାନୀଙ୍କ କ୍ୟାବିନ ରହିଛି । ଏମାନଙ୍କୁ ପ୍ରସ୍ତାବିତ ହାବେଳି ପଡିଆଠାରେ ଥଇଥାନ ଲାଗି ପୌର ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଥିଲା । ଦୀର୍ଘବର୍ଷ ଧରି ପ୍ରସ୍ତାବ ରହିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ । ଦିନକୁ ଦିନ ସହରର ନବକଳେବର ଘଟୁଥିବା ବେଳେ ଜନସଂଖ୍ୟା ପ୍ରାୟ ୫୦ହଜାର ଟପିଲାଣି । ସେହି ତୁଳନାରେ ଯାନବାହନ ସଂଖ୍ୟା ମଧ୍ୟ ଦ୍ୱିଗୁଣିତ ହୋଇଛି । ଉଠାଦୋକାନଗୁଡିକ ଯୋଗୁ ସହର ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି । ଫଳରେ ନୟାଗଡ ରୋଡ (ମୁକୁନ୍ଦପ୍ରସାଦଠାରୁ ମେଡିକାଲ ରୋଡ), ଟ୍ରାଫିକ ଛକ ଠାରୁ ନୂଆବସଷ୍ଟାଣ୍ଡ, ପୁରୁଣା ମେଡିକାଲ ରୋଡରେ ଦୈନିକ ନାହିଁ ନଥିବା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି ।

ଅନ୍ୟତମ ଏକ ପ୍ରମୁଖ ସମସ୍ୟା ହେଉଛି ଦୈନିକ ବିଭିନ୍ନ କାମରେ ଶତାଧିକ ଲୋକ ଖୋର୍ଦ୍ଧାକୁ ଆସୁଛନ୍ତି । ତେବେ ସେମାନଙ୍କ ପାଇଁ ଶୌଚାଳୟଟିଏ ନାହିଁ । ପୁରୁଣା ବସଷ୍ଟାଣ୍ଡ ଏବଂ ନୂଆ ବସଷ୍ଟାଣ୍ଡଠାରେ ରହିଥିବା ଶୌଚାଳୟ ଦୀର୍ଘ ୨ବର୍ଷ ହେବ ବନ୍ଦ ରହିଛି । ଫଳରେ ଲୋକେ ଶୌଚ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୌର ପ୍ରଶାସନ ପକ୍ଷରୁ ପରିସ୍ରାଗାର ନିର୍ମାଣ କରାଯାଇଥିଲେ ମଧ୍ୟ ଏଥିରେ ୨୪ ଘଂଟା ତାଲା ଝୁଲି ରହୁଛି । ସହରରେ ଏକାଧିକ ପୋଖରୀ ରହିଥିଲେ ମଧ୍ୟ ଏହାର ପୁନରୁଦ୍ଧାର କରାଯାଉନାହିଁ । ଏଣୁ ଖୋର୍ଦ୍ଧା ସହରର ଉପରୋକ୍ତ ସମସ୍ୟା ସମାଧାନ ଲାଗି ଖୋର୍ଦ୍ଧା ଜିଲା ସିଟିଜନ୍ ଫୋରମ ପକ୍ଷରୁ ଦାବି କରାଯାଇଛି । ଫୋରମ ସଭାପତି ପ୍ରଭାତ ମିଶ୍ରଙ୍କ ନେତୃତ୍ୱରେ ପ୍ରଦୀପ ବେହେରା, ଉପଦେଷ୍ଟା ଉମାଶଙ୍କର ପ୍ରସାଦ, ଆଇନଜୀବୀ ଶିଶିର ପରିଡା ଓ ଅନ୍ୟମାନେ ଏଥିରେ ଉପସ୍ଥିତ ଥିଲେ ।

# ୩୪ ଛାତ୍ରଛାତ୍ରୀ ପାଇଲେ ବ୍ରହ୍ମଗୁପ୍ତ ଗଣିତ ମେଧା ସମ୍ମାନ



ଭୁବନେଶ୍ୱର (ପିଏନ୍): ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଖୋର୍ଦ୍ଧା ଜିଲା ଭୁବନେଶ୍ୱର ଉପକଣ୍ଠ ସ୍ଥିତ ଦାରୁଠେଙ୍ଗ ପଞ୍ଚାୟତର ଦାରୁଠେଙ୍ଗ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ରହ୍ମଗୁପ୍ତ ଗଣିତ ମେଧା ଅନ୍ୱେଷଣ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାମାଜିକ ସଙ୍ଗଠନ 'ସମ୍ପର୍କ' ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୃଷ୍ଟିବାଧିତ ଖେଳାଳିମାନଙ୍କ କୋଚ୍ ତଥା ସାମାଜିକ କର୍ମୀ ତ୍ରିଲୋଚନ ବେଉରା ଅଧକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ସମ୍ପର୍କର ସମ୍ପାଦକ ଯୋଗେଶ ଚନ୍ଦ୍ର ସ୍ୱାଇଁ, ଶିକ୍ଷାବିତ୍ ଚନ୍ଦ୍ରଶେଖର ପାଲ, ସାମାଜିକ କର୍ମୀ ସୁଶାନ୍ତ କୁମାର ରାଉତରାୟ, ସୁଶାନ୍ତ କୁମାର ସାହୁ, ସ୍କୁଲର ପ୍ରଧାନ ଶିକ୍ଷକ ସିବିଲ କୁମାର ମାରାଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳ ଛାତ୍ରଛାତ୍ରୀମାନଙ୍କ ଜ୍ଞାନର ବିକାଶ ପାଇଁ ବ୍ରହ୍ମଗୁପ୍ତ ଗଣିତ ସମେତ ଅନ୍ୟ ବିଷୟରେ ପ୍ରତିଯୋଗିତା ଆବଶ୍ୟକ ବୋଲି ମତ ଦେଇଥିଲେ । ଏହି ଅବସରରେ ଦାରୁଠେଙ୍ଗ ଅଞ୍ଚଳର ଯୁବ ସାମାଜିକ କର୍ମୀ ରେଶବ ରାଉତରାୟଙ୍କ ସ୍ମୃତିରେ ଅନୁଷ୍ଠିତ ବ୍ରହ୍ମଗୁପ୍ତ ଗଣିତ ମେଧା ଅନ୍ୱେଷଣ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅତିଥିମାନେ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଇପ୍‌ସିତା ମହାରଣା ପ୍ରଥମ, ଆଦ୍ୟାଶା ପ୍ରିୟଦର୍ଶିନୀ ଦ୍ୱିତୀୟ ଏବଂ ୫ଜଣ ଛାତ୍ରଛାତ୍ରୀଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ମଧ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡାଙ୍କ ସମେତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ମାଇଣ୍ଡ ଏମ୍ପାୱାରମେଣ୍ଟ ଫାଉଣ୍ଡେଶନର ପ୍ରତିଷ୍ଠାତା ମନୋଜ ପ୍ରଧାନ ଏବଂ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ପାଇଁ ମାଇଣ୍ଡ ଏମ୍ପାୱାରମେଣ୍ଟ କାର୍ଯ୍ୟକ୍ରମ କରାଯାଇଥିଲା ।

# ——ତୁଳସୀ ମାହାତ୍ମ୍ୟ——



ହିନ୍ଦୁ ପରମ୍ପରାରେ ପ୍ରତିଟି ଘରେ ଠାକୁର ଘରଟିଏ ଥାଏ । ସ୍ଥାନାଭାବେ କାନ୍ଥରେ ଠାକୁରଙ୍କର ଚିତ୍ର ପ୍ରତିମାଟିଏ ଝୁଲୁଥାଏ ଅଥବା କାନ୍ଥର ଠଣାରେ ବା କାଠର ଖଟୁଲିଟିଏ କାନ୍ଥରେ ଲଗାଇ ଠାକୁରଙ୍କର ମୂର୍ତ୍ତି ବା ଶାଳଗ୍ରାମ ରଖି ପୂଜା କରିବା କଥା ଚଳିଆସୁଛି । ଘରେ ଠାକୁର ବେଳେ ବାରିଆଡ଼େ କି ଦାଣ୍ଡପଟେ ଚଉରାରେ ତୁଳସୀ ପୂଜା ତିନିଶହ ପଂଚଷଠି ଦିନ ଚାଲିଥାଏ । ତୁଳସୀ ଗଛକୁ ଗୋଟିଏ ବୃକ୍ଷ ପୂଜାର ମାନ୍ୟତା ଦେଇ ଯେତିକି ପୂଜା କରାନଯାଏ, ଧର୍ମଧାରଣାରୁ ବ୍ୟକ୍ତିଗତ ବିଚାରକୁ ଜଣେ କୃଷ୍ଣପ୍ରିୟା ବୈଷ୍ଣବୀ ଦେବୀ ରୂପେ ପୂଜା କରାଯାଏ । 'ତୁଳସୀ'ଙ୍କର ଅନ୍ୟନାମ ବୃନ୍ଦାବତୀ । ବୃନ୍ଦାବତୀ ଓ ତୁଳସୀ ଯଥାକ୍ରମେ ପୂର୍ବ ଜନ୍ମ ଏବଂ ପରଜନ୍ମ ସଂପର୍କିତ ବା ସମ୍ବନ୍ଧିତ କାହାଣୀ । ବୃନ୍ଦାବତୀ ଜନ୍ମରେ ନାରାୟଣଙ୍କ ସହିତ ଏବଂ ତୁଳସୀ ପରବର୍ତ୍ତୀ ସମ୍ବନ୍ଧେ କୃଷ୍ଣଙ୍କ ସହିତ ବିବନ୍ଧିତ । ପ୍ରଥମଟି କାରଣ ଏବଂ ଦ୍ୱିତୀୟଟି ଭକ୍ତି ବା ପ୍ରେମ ଜନିତ ହେତୁ ଯଥାର୍ଥରେ କୁହାଯାଇଛି: ***ଆଗୋ ତୁଳସୀ ଦେବୀ, ଅଟୁ ଶ୍ରୀକୃଷ୍ଣ ପ୍ରାଣ ବଲ୍ଲଭୀ ଗୋ.... //*** ତୁଳସୀଙ୍କର ପୂର୍ବ ଜନ୍ମର ନାମ ଥିଲା ବୃନ୍ଦାବତୀ । ସେ ଥିଲେ ଜଣେ ପରମାସୁନ୍ଦରୀ, ସତୀ, ସ୍ୱାଧୀ ଏବଂ ମହତୀ ନାରୀ । ରାକ୍ଷସ ଜଳନ୍ଧର ଥିଲେ ତାଙ୍କ ସ୍ୱାମୀ । ବୃନ୍ଦାବତୀଙ୍କର ସତୀତ୍ୱ ପ୍ରଭାବରୁ ଜଳନ୍ଧର ଥିଲା ଅତ୍ୟନ୍ତ ପରାକ୍ରମଶାଳୀ ଏବଂ ଅଜେୟ । ସେ ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳପୁରୀକୁ ନିଜ ପାଦତଳେ ରଖିବାକୁ ମନସ୍ଥ କଲା । ସେଥିପାଇଁ ଚଳାଇଲା ଯୁଦ୍ଧ, ଦେବ, ମାନବ ଏବଂ ତାକୁ ବିରୁଦ୍ଧ କରୁଥିବା ଦାନବଙ୍କ ବିରୁଦ୍ଧରେ । ଏଥିରେ ଦେବତାମାନେ ଅତ୍ୟନ୍ତ ଅତିଷ୍ଠ ହୋଇ ପଡ଼ିଲେ । ସେମାନେ ବିଷ୍ଣୁଙ୍କ ପାଖିରେ ପହଞ୍ଚି ନିବେଦିଲେ ଯେ ସେ ଏଥିକୁ କିଛି କରନ୍ତୁ । ଏବେ ବିଷ୍ଣୁ ସ୍ୱୟଂ ଗଲେ । ଜଳନ୍ଧର ସହିତ ତାଙ୍କର ତୁମୁଳ ସଂଗ୍ରାମ ହେଲା । ସମକକ୍ଷ ଯୋଦ୍ଧା । କେହି କାହାକୁ ହରାଇ ପାରିଲେ ନାହିଁ । ବିଷ୍ଣୁ ଦେଖିଲେ, ଏମିତି ତାକୁ ବଧ କରି ହେବ ନାହିଁ । ସେ ଛଳକରି ଜଳନ୍ଧର ସହିତ ବନ୍ଧୁତ୍ୱର ପ୍ରତିଶ୍ରୁତିରେ ଲକ୍ଷ୍ମୀଙ୍କ ସହିତ ତା' ଘରେ ଏକ ପ୍ରକାର ବନ୍ଦୀ ହେଲେ । ଏପଟେ ବିଷ୍ଣୁଙ୍କ ଅନୁପସ୍ଥିତିରେ ଦେବ ଗଣଙ୍କର ଭାଳେଣି ପଡ଼ିଲା ।

ବିଷ୍ଣୁ ଜାଣିଥିଲେ ଯେ ବୃନ୍ଦାବତୀଙ୍କର ସତୀତ୍ୱର ପରାକାଷ୍ଠା ଯୋଗୁଁ ଜଳନ୍ଧର ଏଯାବତ୍ ଅବଧ୍ୟ ହୋଇ ରହିଯାଇଛି । ସେ ସତୀତ୍ୱ ହରାଇଲେ ଜଳନ୍ଧର ବଧ ହେବ । ସେ ନିଜେ ତାହାହିଁ କରିବେ । ତେବେ କେବେ ? କେମିତି ? କୋଉ କାରଣକୁ ବା ଆଳକୁ ? ସେ ସୁଯୋଗକୁ ଅପେକ୍ଷା



କଲେ ।

ସେପଟେ ଦୁଷ୍ଟ ଜଳନ୍ଧର ପାର୍ବତୀଙ୍କର ଅପରୂପ ଏବଂ ଅନୁପମ ସୌନ୍ଦର୍ଯ୍ୟ ସଂପର୍କରେ ସୁରାକ ପାଇଲେ । ପାର୍ବତୀଙ୍କୁ ପାଇବା ଉଦ୍ଦେଶ୍ୟରେ ଛଦ୍ମବେଶୀ ଶିବରୂପ ଧାରଣ କରି ବୃଷଭ ଚଢ଼ିଗଲେ । ତାକୁ ଦେଖୁ ଦେଖୁ ପାର୍ବତୀ ତାକୁ ଚିହ୍ନିପାରିଲେ ଏବଂ ନିଜକୁ ବଂଚାଇବାର ଉପାୟ ଚିନ୍ତାକଲେ । ଏଣେ ପାର୍ବତୀଙ୍କୁ ଦେଖୁ ଦେଖୁ ଜଳନ୍ଧର ଅତୀବ ଉନ୍ମାଦରୁ ହୀନବଳ ହୋଇଗଲା ଏବଂ ସେ ବୃଷଭ ଉପରୁ ଭୂପତିତ ହୋଇ ଚେତା ହରାଇଲା । ଇତିମଧ୍ୟରେ ପାର୍ବତୀ ନିବୃତ୍ତି ନେଇ ନିଜକୁ ଗୋପନ ରଖିଲେ । ଏଥର ବିଷ୍ଣୁ ସୁଯୋଗ ନେଲେ । ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବୃନ୍ଦାଙ୍କ ସତୀତ୍ୱ ହରଣ ପାଇଁ ପ୍ରସ୍ତୁତ ହେଲେ । ପୁନଶ୍ଚ ବେଳକୁ ଯେସାକୁ ତେସା ନୀତି ପ୍ରଯୁଜ୍ୟ ଅଟେ:

***"ସେ ଯେଉଁ ରୂପେ ଅପରାଧୀ । ଆମ୍ଭେ କରିବା ସେହି ବୁଦ୍ଧି ।।***
***ତା'ର ଯୁବତୀ ସଦାଚାରେ । ଦୈତ୍ୟ ଅକ୍ଷୟ ତିନିପୁରେ ।।***
***ତାହା କରିବୁ ଆମ୍ଭେ ନାଶ । ତେବେ ମରିବ ସିନ୍ଧୁ ଶିଷ୍ୟ ।।***
***ଏତେକ କହି ଭଗବାନ । ସେଠାରୁ ହେଲେ ଅନ୍ତର୍ଦ୍ଧାନ ।।"***

ଏହାପରେ ବିଷ୍ଣୁ ଛଦ୍ମବେଶରେ ଜଳନ୍ଧର ରୂପେ ଗଲେ ଏବଂ ବୃନ୍ଦାଙ୍କର ସତୀତ୍ୱ ଅପହରଣ କଲେ:

***"ବିଷ୍ଣୁ ଜଳନ୍ଧର ଗତ୍ୱା ତଦ୍ଦୈତ୍ୟ ପୁଟ ଭେଦନଂ । ପତିବ୍ରତସ୍ୟ ଭଙ୍ଗାୟ ବୃନ୍ଦାୟଶ୍ଚ କୋରନନ୍ମୀତଃ ।।"***

ସହବାସର ତନ୍ଦ୍ରାଭଗ୍ନ ପରେ ବୃନ୍ଦା ଦେଖନ୍ତି ଯେ ଯିଏ ତା'ର ପ୍ରେମ ବନ୍ଧନରେ ମୋହଗ୍ରସ୍ତ ଥିଲା, ସେ ତା' ସ୍ୱାମୀ ନୁହନ୍ତି । ସ୍ୱୟଂ କୋଟି କନ୍ଦର୍ପଧାରୀ ନାରାୟଣ । ସେ ସତୀ । ସତୀ ପାଖରେ ନାରାୟଣ ତୁଚ୍ଛ । ସତୀ ନାରୀ ପାଇଁ ପତି ବିନା ନାହିଁ ଅନ୍ୟଗତି । ସେ ବିଷ୍ଣୁଙ୍କୁ ଧିକ୍‌କାରିଲା ଏବଂ ଅଭିଶାପ ଦେଲା:

ତା' ଦେଖି ବୃନ୍ଦା କଲା କୋପ । ବୋଇଲା ଧିକ ତୋ'ର ରୂପ ।।
କପଟ କରିଲୁ ମୋ ତପ । ଏବେ ତୁ ଘେନ ମୋର ଶାପ ।।
ତୋର ଭାରିଯା ନାମ ଶିରୀ । ତାକୁ ଅସୁରେ ନେବେ ହରି ।।
ମୋତେ ହରିଲୁ ଯେଉଁ ବେଗେ । ସେହି ପ୍ରକର ତୋର ଆଗେ ।।
ଇତ୍ୟାଦି

ଏହାହିଁ ଘଟିଥିଲା ରାମ ଅବତାରେ ତ୍ରେତୟା ଯୁଗରେ ବିଷ୍ଣୁଙ୍କ ପାଇଁ । ତେବେ ଜଳନ୍ଧର ବଧ ହେଲା । ତିନିପୁର ଆଶ୍ୱସ୍ତି ହେଲେ । ଜଳନ୍ଧର ଅନୁପସ୍ଥିତିରେ ବିଶେଷକରି ଏ ପାପ ଶରୀରରେ ବୃନ୍ଦା ବଞ୍ଚିବାକୁ ଉଚିତ୍ ମନେକଲେ ନାହିଁ । ସେ ବିଷ୍ଣୁଙ୍କ ସମ୍ମୁଖରେ ଅଗ୍ନିରେ ଝାସ ଦେଲେ ।

ସେ ଆତ୍ମା ଅନ୍ତରୀକ୍ଷେ ଯାଇ ତିନିଭାଗ ହେଲା । ସେଥିରୁ ଗୋଟିଏ ଭାଗ ପାର୍ବତୀଙ୍କ ଦେହରେ ଠାବ ହେଲା । ଆଗରୁ ଜଳନ୍ଧର ଶିବବ୍ରତ ହେତୁ ତା' ଆତ୍ମା ରୁଦ୍ରଙ୍କଠାରେ ଠାବ ହୋଇଥିଲା ।

***"ସେ ଆତ୍ମା ଅନ୍ତରୀକ୍ଷେ ଯାଇ । ତ୍ରିଗୁଣେ ତିନି ଭାଗ ହୋଇ ।।***
***ମନେ ଯେତକ ତମ କଲା । ସେ ଭାବ ଲକ୍ଷ୍ମୀ ଦେହେଗଲା ।।***
***ସେ ତା'ର ରଜଗୁଣ ଭାବ । ଶାରଦା ଅଙ୍ଗେ ହେଲା ଠାବ ।।***
***ସାତ୍ତ୍ୱିକ ଭାବ ଯେତେ ହୋଇ । ଗଉରୀ ଅଙ୍ଗରେ ସମ୍ଭାଇ ।।"***

ଅର୍ଥାତ୍ ବୃନ୍ଦାବତୀଙ୍କ ଆତ୍ମା ସତ୍ୱ, ରଜ ଏବଂ ତମ ଗୁଣ ବିଶିଷ୍ଟ ତିନିଭାବ ହେଲା । ଏହି ତିନି ବୀଜ ତିନି ବୃକ୍ଷ ହେଲେ । 'ତମ' ଗୁଣରୁ 'ମାଳତୀ' ମର୍ତ୍ତ୍ୟ ବାସିନୀ, ଅଁଳା ବା ଧାତ୍ରି ବୃକ୍ଷ ରଜଗୁଣ ବିଶିଷ୍ଟ ଏବଂ ସତ୍ୱ ଗୁଣ ବିଶିଷ୍ଟ ହେଉଛନ୍ତି ତୁଳସୀ । କେବଳ ତୁଳସୀ ତ୍ରିପୁର ବାସିନୀ । ଧାତ୍ରୀ ଉଭୟ ମର୍ତ୍ତ୍ୟ ଓ ସ୍ୱର୍ଗଲୋକ ବାସିନୀ । ସତୀର ସତୀତ୍ୱର ଅପଭ୍ରଷ୍ଟ ଜନିତ କାରଣରୁ ବୃନ୍ଦାଙ୍କ ପ୍ରତି କୃଷ୍ଣଙ୍କର ଏହା ଅନୁକମ୍ପା ନୁହେଁ । ନିଜସ୍ୱ ମୁକ୍ତି ପାଇଁ ସତୀ ପୂଜା । ତିନୋଟିଯାକ ବୃକ୍ଷ ପୂଜନର ଫଳ ନିଶ୍ଚିତଭାବେ ସୁଦୂର ପ୍ରସାରୀ । ତେବେ ତୁଳସୀ ସଂପର୍କରେ ବିଷ୍ଣୁ ଯାହା କହିଛନ୍ତି :

ଏବେ ତୁଳସୀ ଧର୍ମ ଶୁଣ । ସେ ବୃନ୍ଦ ସାତ୍ତ୍ୱିକ ଲକ୍ଷଣ ।।
ହୋଇବ ତ୍ରିଲୋକ ପ୍ରସିଦ୍ଧି । ମୋର ସମାନେ ପୂଜାବିଧି ।।
ପାଇବ ସକଳ ଲୋକରେ । ବିଶେଷ କାର୍ତ୍ତିକ ମାସରେ ।।
ପାଳନେ ସର୍ବତୀର୍ଥ ଧର୍ମ । ଦର୍ଶନେ ସର୍ବଇଷ୍ଟ କାମ ।।
ତୁଳସୀ ପ୍ରଦକ୍ଷିଣ କଲେ । ପୂଣ୍ୟ (?) ଅନ୍ୟ ତୀର୍ଥଗଲେ ।।
ଅଶେଷ କ୍ଷେତ୍ର ତୀର୍ଥ'ଙ୍କ । କ୍ଷଣକେ ପାଇବ ସକଳ ।।
ସନ୍ଧ୍ୟା ସମୟେ ଯେଉଁ ଜନ । ତୁଳସୀ ମୂଳେ ଦୀପଦାନ ।।
ଶ୍ରଦ୍ଧାରେ ବସାଇବ ନୀତି । ଅଗ୍ନି ସମାନ ତା'ର ଜ୍ୟୋତି ।।
ଯା ଗୃହେ ତୁଳସୀ କାନନ । ଥିବ ମନ୍ଦିର ସନ୍ନିଧାନ ।।
ତେଣେ ନଯିବ ଯମଦୂତ । ତୁମ୍ଭଙ୍କୁ କହୁଅଛୁ ସତ୍ୟ ।।
ମୃତ୍ୟୁ କାଳରେ ଯେଉଁ ଜନ । ତୁଳସୀ ନିକଟ ଶୟନ ।।
ତୁଳସୀ ଜଳ ଥିବ ମୁଣ୍ଡେ । ଉଦକ ହେଉଥିବ ତୁଣ୍ଡେ ।।
ପିଣ୍ଡରୁ ପ୍ରାଣ ଛାଡ଼ିଯିବ । ସେ ଆସି ମୋ ସଂଗେ ମିଶିବ ।।
ଅତ୍ୟନ୍ତ ପାପୀ ହୋଇଥିବ । ଅକାଳେ ଅଜ୍ଞାନ ମରିବ ।।
ତା' ମୃତ୍ୟୁ ପିଣ୍ଡ ଦଗ୍‌ଧକାଳେ । ତୁଳସୀ କାଠ ଯେବେ ମିଳେ ।।
ଦହନେ ପକାଇଲେ ନେଇ । ତା' ଆତ୍ମା ଯିବ ମୋକ୍ଷ ହୋଇ ।।
ବିଶେଷ କାର୍ତ୍ତିକ ମାସରେ । ତୁଳସୀ ସେବା କରିନରେ ।
ଲଭିବେ କୈବଲ୍ୟ ମୁକତି । ଖଣ୍ଡିବେ ଅଶେଷ ବିପତ୍ତି ।।
ତୁଳସୀ ମୂଳେ ଉଦ୍ୟାପନ । ଯେ କରେ କାର୍ତ୍ତିକ ବିଧାନ ।।
ସେଜନ ବୈକୁଣ୍ଠ ପୁରେ । ଆସ ମିଳିବ ଦେହାନ୍ତରେ ।।
କାର୍ତ୍ତିକେ ଧାତ୍ରୀ ବୃକ୍ଷ ତଳେ । ହବିଷ ଅନ୍ନ ଏକାବେଳେ
ଯେ ଜନ କରିବ ଭୋଜନ । ତା' ପାପ ହୋଇବ ଦହନ ।।
ଅଁଳା, ତୁଳସୀ ମାଳତୀ । ଏତିନି ମୋର ପ୍ରିୟବତୀ ।
ବିଶେଷ ତୁଳସୀ ପ୍ରଧାନ । ସଂସାରେ ମୋପରି ସମାନ ।।
ତୁଳସୀ ବିନା ଯେତେ ଭୋଗ । ମୋତେ ନୁହଇ ଉପଯୋଗ ।।
ତୁଳସୀ ଜଳେ ମୋତେ ପୂଜି । ତୁଳସୀ ଘେନ ମୋତେ ଭଜି ।।
ତୁଳସୀ ଦେବ ମୋର ଜଳେ । ପ୍ରାଣୀ ବସିବ ମୋର ପୁରେ ।।

***-କାର୍ତ୍ତିକ ମାହାତ୍ମ୍ୟ : ପଦ୍ମପୁରାଣ ।***

ସଂକ୍ଷେପରେ ତୁଳସୀ ବିଷ୍ଣୁଙ୍କର ପ୍ରିୟବତୀ । ସେ ବିଷ୍ଣୁଙ୍କ ସହିତ ସମାନ । ଏକଥା ସେ ବିଷ୍ଣୁଙ୍କ ଦ୍ୱାରା ଅନୁଗୃହୀତ ହୋଇଛନ୍ତି । କାର୍ତ୍ତିକ ବ୍ରତ ବିଷ୍ଣୁ ପୂଜା ହେତୁ, ତୁଳସୀଙ୍କର ଗୁରୁତ୍ୱ ଏ ମାସରେ ଅଧିକ । ତାଙ୍କ ପୂଜା ହିଁ ବିଷ୍ଣୁ ପୂଜା । ଅନ୍ୟ ଅର୍ଥରେ ତୁଳସୀଙ୍କ ମାଧ୍ୟମରେ କୃଷ୍ଣ ପ୍ରାପ୍ତି । "ସକଳତୀର୍ଥ ତୋ' ଚରଣେ, ବଦ୍ରିକା ଯିବ କି କାରଣେ" ନ୍ୟାୟରେ ତୁଳସୀ ହିଁ ଏକ ଗୃହସ୍ଥ ପାଇଁ ଧ୍ୟେୟ ଓ ଧାରଣା, ମୁକ୍ତିର ମାର୍ଗ; ସକଳ ପାପର ଖଣ୍ଡନକାରୀ । ସେଥିପାଇଁ ଆମ ପରମ୍ପରା ଓ ଧର୍ମରେ ସକଳ ଗୃହ ପ୍ରାଙ୍ଗଣରେ ଅଥବା ମଠ ମନ୍ଦିରେ ତୁଳସୀ ପୂଜିତ ହୋଇ ଆସୁଛନ୍ତି । ସେ ପୂଜ୍ୟା ଏହାହିଁ ଧର୍ମ କଥାରେ ତୁଳସୀ ପୂଜନର କାହାଣୀ :

***"ତୁଳସୀ ସର୍ବ ଭୂତାନାଂ ମହାପାତକ ନାଶିନୀ ।***
***ତ୍ୱତମୂଳେ ସର୍ବେ ତିର୍ଥାନୀ, ତ୍ୱତମେଂ ସର୍ବ ଦେବାନା ।"***

ମୁଖ୍ୟ କଥା ଏହି ଯେ, କାର୍ତ୍ତିକ ମାହାତ୍ମ୍ୟ: ପଦ୍ମ ପୁରାଣମତେ ତୁଳସୀ ଧର୍ଷିତା ସତ୍ତ୍ୱେ ଅପବିତ୍ରା ନୁହଁନ୍ତି । ଧର୍ଷଣ ମୁଠାଏ ମାଟି ବା ଦେହପ୍ରତି ଏକ ଅତ୍ୟାଚାର । ଏହା ଇଚ୍ଛାବିରୁଦ୍ଧଜନିତ ଏକ ପାପ । ଯେଉଁଥିପାଇଁ ବିଷ୍ଣୁଙ୍କୁ କେତେବଡ଼ ବୋଝ ମୁଣ୍ଡାଇବାକୁ ହେଲା ଏବଂ ତୁଳସୀ ପୂଜା ଯେ ତାଙ୍କ ପୂଜା ସହିତ ସମାନ ବୋଲି ବିଚାର କରାଗଲା । ବିଷ୍ଣୁ ଏ ଅପରାଧ କରିନଥିଲେ, ବୃନ୍ଦା ବା ତୁଳସୀଙ୍କୁ ଚିହ୍ନେ କିଏ ? ଚରିତ୍ରଜନିତ ଅପସଂସ୍କୃତି ଓ ସ୍ଖଳନ ରୋକିବାରେ ତଥା ଶୃଙ୍ଖଳିତ ପାରିବାରିକ ଦାମ୍ପତ୍ୟ ଜୀବନଯାପନ ଏବଂ ସମାଜ ଗଠନ କରିବାକୁ ତୁଳସୀ ପୂଜା ଏକ ଅମୂଲ୍ୟ ଉପହାର ।

ଆଇନଷ୍ଟାଇନଙ୍କ ମତରେ ଯେଉଁ ଧର୍ମ ବିଜ୍ଞାନ ସମ୍ମତ ବା ଭିତ୍ତିକ ନୁହେଁ, ତାହା ଅନ୍ଧ ବିଶ୍ୱାସରେ ପରିଣତ ହୋଇଯାଏ । ତୁଳସୀ ସାହାଯ୍ୟରେ (ଈଶ୍ୱରଙ୍କୁ ବାଦଦେଲେ), ତୁଳସୀକୁ ଏକ ବୃକ୍ଷ ହିସାବରେ ପୂଜା କରିବାରେ ଏହାର ଯଥାର୍ଥତା ବିଜ୍ଞାନ ଦୃଷ୍ଟିରୁ ଠିକ୍ ନା' ଭୁଲ ବିଚାରିବା କଥା ।

'ଈଶ୍ୱର'ଙ୍କୁ ଆବିଷ୍କାର କରିବା ପୂର୍ବରୁ ମଣିଷ ଥିଲା ଓ ଅଛି ପ୍ରକୃତିର ସନ୍ତାନ । ପ୍ରକୃତିର ବାୟୁ, ପାଣି, ମାଟି (ବାପା ମା) ସୂର୍ଯ୍ୟାଲୋକ ପରିବେଶର ଉଦ୍‌ଭିଦ୍ ଓ ପ୍ରାଣୀ ତା' ଜୀବନର ନିୟମାଙ୍କ ଥିଲେ ଓ ଅଛନ୍ତି । ସେ ଥିଲା ପ୍ରକୃତି ଉପାସକ । ଏହାହିଁ ସତ୍ୟ । ପରବର୍ତ୍ତୀ ସମୟରେ ଈଶ୍ୱରଙ୍କ ଆବିଷ୍କାର ପରେ ଯେଉଁ କାଳ୍ପନିକ/ସତ୍ୟ ଶକ୍ତି ତା' ଜୀବନ କ୍ଷେତ୍ରରେ ପ୍ରବେଶ କଲେ ସେମାନେ ହେଲେ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର ଇତ୍ୟାଦି ୩୩ କୋଟି ଦେବତା । ଏମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ ବୃକ୍ଷ ବା ସ୍ଥାବର ଶକ୍ତିକୁ ପ୍ରତିନିଧିତ୍ୱ କରନ୍ତି । ଯେମିତି ବରଗଛ ବିଷ୍ଣୁଙ୍କୁ; ଓସ୍ତଗଛ ମହାଦେବଙ୍କୁ; ନିମ୍ବଗଛ ଜଗନ୍ନାଥଙ୍କୁ... ଇତ୍ୟାଦି । ସେମିତି ତୁଳସୀ ଗଛ ବୃନ୍ଦାବତୀଙ୍କୁ । ଏହାହିଁ ପ୍ରଥମତଃ ପ୍ରକୃତି ଓ ଧର୍ମର ସମନ୍ୱୟ । କହିବା ବାହୁଲ୍ୟ ଯେ ଗୋଟିଏ ବରଗଛ ଦିନକୁ ଯେତିକି ଶୀତଳତା ଦିଏ, ତାହା ୨୦୦୦ ରେଫ୍ରିଜେରେଟର ସହ ସମାନ, ତା' ଜୀବଦ୍ଦଶାରେ ଦେଉଥିବା ଅମ୍ଳଜାନର ପରିମାଣ ସାଂପ୍ରତିକ ମୂଲ୍ୟରେ ୩୦କୋଟି ଟଂକା ସହିତ ସମାନ । ପ୍ରତ୍ୟେକ ଗଛ ଦିବା-ରାତ୍ର ଅମ୍ଳଜାନ ଦିଅନ୍ତି ନାହିଁ । ନିମ୍ବ ଏବଂ ଓସ୍ତ ପରି କିଛି ବୃକ୍ଷ ଦେଇଥାନ୍ତି । ଅମ୍ଳଜାନ ବିନା ଦହନ ଓ ଜୀବନ ଅସମ୍ଭବ । ନିମ୍ବର ଅତ୍ୟଧିକ ଉପକାରିତା ହେତୁ ସେ ସାଜିଛି ଦାରୁଦେବତା । ଉପକାରର ମାତ୍ରା ନେଇ ଗଛଟିଏ ପୂଜା ପାଏ । ଧର୍ମକୁ ବାଦଦେଇ ଯଦି ଆମେ ତୁଳସୀ ଗଛ କଥା ବିଚାରିବା ଏହାର ଔଷଧୀୟ ଗୁଣର ପଟାନ୍ତର ନାହିଁ । ଶରୀର ଥିଲେ ଶ୍ରମ ଦେଇ ଅର୍ଜନ, ଜୀବନ । ଧର୍ମ ଶାସ୍ତ୍ରରେ ଯେଉଁ ବିଜ୍ଞାନ କଥା କୁହାଯାଇଛି ବିଚାରନ୍ତୁ; ମୂଳେ ତୋର ଗଙ୍ଗା, ଡାଳେ ତୋର ବିଷ୍ଣୁ, ପତ୍ରେ ଦେବତାଙ୍କ ବାସ । ସେ ପତ୍ର ପଡ଼ିଲେ ମଣୋହି ହୁଅଇ କହଇ ଗୋଲକ ଦାସ ।।

ଅର୍ଥାତ୍ ତୁଳସୀ ମୂଳରେ ଜଳ ଗଙ୍ଗାପରି ପବିତ୍ର ହଜମକାରୀ । ତା' ଡାଳେ ବିଷ୍ଣୁ ଥା'ନ୍ତି ଅର୍ଥାତ୍ ଡାଳରେ ମାଳକରି ପିନ୍ଧିଲେ ଚର୍ମରୋଗ ହୁଏ ନାହିଁ; ପତ୍ରରେ ଦେବତା ବାସ କହିଲେ ତା' ପତ୍ର ସେବନରେ କାଶ, ଶ୍ୱାସ ଏବଂ ଶର୍ଦ୍ଦି ଇତ୍ୟାଦି ହୁଏନାହିଁ । ପୁନଶ୍ଚ ତା' ପତ୍ରରେ କର୍ପୁର ଥିବାରୁ ଖାଦ୍ୟ ପଦାର୍ଥରେ ପକାଇଲେ କୀଟମାନେ ବସନ୍ତି ନାହିଁ । ଏଣୁ ମଣୋହି ବା ଭୋଜନ ଯୋଗ୍ୟ । ବାଡ଼ିରେ ତୁଳସୀ ଗଛଥିଲେ, ରୋଗସୃଷ୍ଟିକାରୀ ଜୀବାଣୁମାନେ ଆସନ୍ତି ନାହିଁ । ସାପ ଘରେ ପ୍ରବେଶ କରନ୍ତି ନାହିଁ, କାଛୁ, କୁଣ୍ଡିଆ, ଯାଦୁ, ବିରୁଡ଼ି, ମହୁମାଛି କାମୁଡ଼ା ଅନ୍ୟାନ୍ୟ କୀଟଙ୍କ ଦଂଶନ ଇତ୍ୟାଦି ପାଇଁ ତୁଳସୀ ଏକ ରୋଗ ନିବାରଣକାରୀ ଔଷଧ; ନିର୍ଦ୍ଦିଷ୍ଟ ଅନୁପାତରେ ଏହା ବିଭିନ୍ନ ଦ୍ରବ୍ୟ ସହିତ ମିଶି ଦୁରାରୋଗ୍ୟ ଔଷଧ ତିଆରିରେ ବ୍ୟବହୃତ ହୁଏ । ଅସୁମାରୀ ଏହାର ଉପକାରୀ ଗୁଣ । ଏଣୁ ଯଥାର୍ଥରେ କୁହାଯାଇଛି: ବରଦା ଭବ ଶୋଭନେ । ଉପସଂହାରରେ ଏତିକି କୁହାଯାଇ ପାରେଯେ ଧର୍ମ ଦୃଷ୍ଟିରୁ ହେଉ ବା ବିଜ୍ଞାନ ଦୃଷ୍ଟିରୁ ତୁଳସୀ ହିଁ ଆରାଧ୍ୟା ଏବଂ ନମସ୍ୟା ।




# ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦ



ସମ୍ବାଦ କୌଣସି ଘଟଣା, ଅଘଟଣ, ସୁଯୋଗ, ଦୁର୍ଯୋଗର ଏକ ସତ୍ୟନିଷ୍ଠ ବିବରଣୀ । ସିଏ ଜୀବନକୁ, ଜଗତକୁ, ଅର୍ଥାତ ମୋହାସକ୍ତ ହୁଏ ନାହିଁ । ସାମ୍ବାଦିକତାର ଚାବୁକରେ ଆଘାତ ସେମାନଙ୍କ ଛଦ୍ମମୁଖାକୁ ଖୋଲିଦିଏ । ଯାହାର ଲକ୍ଷ୍ୟ ହୁଏ ସମାଜ ଓ ରାଷ୍ଟ୍ରର ସାମ୍ବାଦିକ, ତାହାଙ୍କର ସମ୍ବାଦ ଜନଗଣଙ୍କର ପ୍ରେରଣାର ମାଧ୍ୟମ । ବ୍ୟକ୍ତିବିଶେଷଙ୍କର ମହତ୍‌ଗୁଣର ଅନ୍ୟ କୌଣସି ସମାଜବିରୋଧୀ ମାନବ ଉପଲବ୍ଧ କରନ୍ତି । ସବୁ ଯୁଗରେ ସମ୍ବାଦ କେତେବେଳେ ଲିଖିତ । ପ୍ରାଚୀନ ମଣିଷକୁ, ସମାଜକୁ ରାଷ୍ଟ୍ରକୁ ଭଲପାଏ ସମାଜର ବା ରାଷ୍ଟ୍ର ଦୁଷ୍ଟବ୍ରଣମାନଙ୍କୁ ଦେଇ ପଦାରେ ପକାଇ ଦିଏ । ଅସୂୟାପ୍ରଣୋଦିତ ହୁଏ ନାହିଁ । କଲ୍ୟାଣ, ସେହି ହିଁ ହୁଏ ଯଥାର୍ଥ ପରିବେଷଣ ହୁଏ ଅଗଣିତ ଏପରି ସମ୍ବାଦରୁ ଜନଗଣ କୌଣସି ଯେପରି ପରିଚୟ ପାଆନ୍ତି ସେପରି ବିଦ୍ୱେଷୀ ବ୍ୟକ୍ତିଙ୍କର ସ୍ୱରୂପକୁ ଅଛି -କେତେବେଳେ ମୌଖିକ, ଯୁଗରେ ସମ୍ବାଦ ଏକ ବୃତି ନଥିଲା, ନଥିଲା ମଧ୍ୟ ଏକ ଜୀବିକା । ବର୍ତମାନ ସମୟରେ ସମ୍ବାଦ ସାମ୍ବାଦିକତା ଏକ ବୃତି,ଏକ ଜୀବିକା । ସମ୍ବାଦପତ୍ର ଏହାର ଆଧାର । ସାମ୍ବାଦିକର ଧର୍ମ ସୁସ୍ଥ ସାମାଜିକ ବାତାବରଣ ପ୍ରତିଷ୍ଠା, ନୈତିକ ମୂଲ୍ୟବୋଧର ଜାଗରଣ । ତେଣୁ ସେ ବିବେକବାନ । ସତ୍ୟର ଉପାସ୍ୟ । ମିଥ୍ୟାକୁ ପ୍ରଶ୍ରୟ ଦିଏ ନାହିଁ । ଅଧର୍ମକୁ ବରଦାସ୍ତ କରେ ନାହିଁ । ନୈତିକ ମୂଲ୍ୟବୋଧ ଜାଗରଣର ଅଗ୍ରଦୂତ ସାମ୍ବାଦିକ । ନାରଦ ଏହିପରି ଜଣେ ସାମ୍ବାଦିକ । ନାରାୟଣ ନାରାୟଣ... ଉଦ୍‌ଘୋଷ କରି ଯିଏ ତିନିଲୋକ ଭ୍ରମଣ କରନ୍ତି ସେହି ନାରଦ ଏକ ବ୍ୟକ୍ତି ନୁହଁନ୍ତି,ଏକ ଅନୁଷ୍ଠାନ । ବିଶ୍ୱରେ ସମ୍ବାଦ ତାଙ୍କର କାର୍ଯ୍ୟ । ଲୋକକଲ୍ୟାଣ ତାଙ୍କର ଲକ୍ଷ୍ୟ । ଈଶ୍ୱରଭକ୍ତି ତାଙ୍କର ମାର୍ଗ । ଏଥିପାଇଁ ନାରଦଙ୍କୁ ଯେଉଁଠି ଯେଉଁ ସମୟରେ ଖୋଜିବ ସେଇଠି ମିଳିବେ । ସ୍ୱର୍ଗ, ମର୍ତ୍ୟ, ଆକାଶ ପାତାଳ ସବୁଠି ତାଙ୍କର ଅଗାଧ ପ୍ରବେଶ । ନାରଦଙ୍କ ପାଇଁ କୌଣସି ସ୍ଥାନ ଦୁର୍ଗମ ନୁହେଁ କି ଅଗମ୍ୟ ନୁହେଁ । ସେ ଦେବତାଙ୍କ ନିକଟକୁ ଆସନ୍ତି ଦାନବଙ୍କ ନିକଟକୁ ମଧ୍ୟ ଯାଆନ୍ତି । ସମସ୍ତଙ୍କ ଦ୍ୱାର ତାଙ୍କ ପାଇଁ ଉନ୍ମୁକ୍ତ । ସମସ୍ତେ ତାଙ୍କୁ ସ୍ୱାଗତ କରନ୍ତି । ସମସ୍ତେ ତାଙ୍କୁ ପୂଜା କରନ୍ତି । ପରୋପକାର ନାରଦଙ୍କର ବୃତି । ଏହା ତାଙ୍କର ଜୀବନ ଧ୍ୟେୟ ଅଟେ । ବାସ୍ତବରେ ନାରଦ ଆଦର୍ଶ ସମ୍ବାଦର ସୂତ୍ରଧର ଅଟନ୍ତି । ତେଣୁ ତାଙ୍କୁ ଆଦ୍ୟ ସାମ୍ବାଦିକ କହନ୍ତି । ଶାସ୍ତ୍ର ଅନୁସାରେ ଯେତେବେଳେ ଭଗବାନ ଯୋଗନିଦ୍ରାରୁ ଜାଗ୍ରତ ହେଲେ ତାଙ୍କର ନିଃଶ୍ୱାସରୁ ମରୀଚ ଆଦି ଋଷିମାନଙ୍କ ସହିତ ନାରଦ ମଧ୍ୟ ପ୍ରକଟ ହୋଇଥିଲେ । ତାଙ୍କୁ ଦଶକନ୍ୟା ଏବଂ ରାଜା ପରେମେଷ୍ଟିଙ୍କ ପୁତ୍ର କୁହନ୍ତି । କେତେକ ପୁରାଣରେ ତାଙ୍କୁ ବ୍ରହ୍ମାଙ୍କର ମାନସପୂତ୍ର ରୂପରେ ବର୍ଣ୍ଣନା କରାଯାଇଛି । ନାରଦଙ୍କ ଜନ୍ମ ବିଷୟରେ ଅନେକ ଲୋକକଥା ପ୍ରଚଳିତ ଅଛି । ସେ ଅଳ୍ପ ସମୟ ମଧ୍ୟରେ ସବୁ ଶାସ୍ତ୍ରର ଅଧ୍ୟୟନ କରିଥିଲେ । ସେ ବୃହସ୍ପତିଙ୍କ ନିକଟରୁ ବେଦ ବେଦାନ୍ତ ଶିକ୍ଷା କରିଥିଲେ । ସନତକୁମାର ତାଙ୍କୁ ବ୍ରହ୍ମ ଜ୍ଞାନ ଶିକ୍ଷାଦେଇଥିଲେ । ବ୍ରହ୍ମଦେବଙ୍କଠାରୁ ବିଷ୍ଣୁ ମନ୍ତ୍ର ଏବଂ ଗନ୍ଧର୍ବଙ୍କ ନିକଟରୁ ସଂଗୀତ ବିଦ୍ୟା ଶିକ୍ଷା କରିଥିଲେ । ସେ ଥିଲେ ସୂଚନା ବିଦ୍ୟାର ଅଧିକାରୀ । ନାରଦଙ୍କର ସରସ୍ୱତୀ ତଟରେ ଏକ ଆଶ୍ରମ ଥିଲା । ସେ ଆଶ୍ରମରେ କମ୍ ରହୁଥିଲେ ବେଶୀ ଭ୍ରମଣ କରୁଥିଲେ । ସେ ନାରଦ ଭକ୍ତିସୂତ୍ର, ନାରଦ ସ୍ତୁତି, ନାରଦ ପଂଚରାତ୍ର, ନାରଦୋପନିଷଦ, ସଙ୍ଗୀତ ମକରନ୍ଦ, ରାଗ ନିରୂପଣ, ପଂଚମ ସାର ସଂହିତା, ଦତନାରଦ ସମ୍ବାଦ ଆଦି ଗ୍ରନ୍ଥ ରଚନା କରିଛନ୍ତି । ଭକ୍ତିରସ ବିଷୟ ଉପରେ ତାଙ୍କର ବହୁତ ଦଖଲ ଥିଲା । ସ୍ୱୟଂ ମହାନ ଭକ୍ତ ଥିଲେ । ଆଜନ୍ମ ଭକ୍ତିରସର ପ୍ରଚାର ପ୍ରସାର କରିଥିଲେ । ତେଣୁକରି ତାଙ୍କର ଭକ୍ତିସୂତ୍ର ଆତ୍ମାନୁଭୂତିରୂପ ଅମୃତ ଅଟେ । ନାରଦ ଭକ୍ତିସୂତ୍ର ଏକ ଅଲୌକିକ ଗ୍ରନ୍ଥ ଅଟେ । ତାଙ୍କର ଭକ୍ତି ବିଷୟ ସର୍ବଶ୍ରେଷ୍ଠ ଗ୍ରନ୍ଥ । ସେଥିରେ ନବଜୀବନ ଦେବାର ସାମର୍ଥ୍ୟ ରହିଛି । ଏଥିରେ ଭକ୍ତଙ୍କର ଲକ୍ଷଣ ଓ ପ୍ରକାରଭେଦ ସମ୍ପର୍କରେ ମଧ୍ୟ ଉଲ୍ଲେଖ ଅଛି । ଏହି କଳ୍ପନା ମଧ୍ୟରେ ନାରଦ ଅଜର ଓ ଅମର । ସେ ସବୁଆଡେ ଭ୍ରମଣକରି ଭକ୍ତିମାର୍ଗର ପ୍ରଚାର ପ୍ରସାର କରିଥିଲେ । ତାଙ୍କ ବୀଣାର ଝଙ୍କାର ତଥା ନାରାୟଣ ନାରାୟଣର ଉଦ୍‌ଘୋଷ ଆଜି ବିଶ୍ୱ ବ୍ରହ୍ମାଣ୍ଡର ଚାରିଆଡେ ଶୁଣିବାକୁ ମିଳୁଛି । ନାରଦ ହେଉଛନ୍ତି ବିଶ୍ୱ ସାମ୍ବାଦିକତା ବା ୟୁନିଭର୍ସାଲ ଜର୍ଣ୍ଣାଲିଜିମ୍‌ର ପୃଷ୍ଠପୋଷକ । ସେ ଥିଲେ ସତ୍ୟନିଷ୍ଠ ଓ ସାରା ବିଶ୍ୱକୁ ସମ୍ଭାଳି ରଖିବାର ଧର୍ମ ଆଧାରିତ ସାମ୍ବାଦିକତାର ପରିଚୟ । ସତ୍ୟର ଭିତିଭୂମି ଉପରେ କୁସଂସ୍କାରକୁ ଦୂର କରି ସମାଜକୁ ସୁପୁଷ୍ଟ କରିବା ପାଇଁ ଏକନିଷ୍ଠ ଉଦ୍ୟମ ସାମ୍ବାଦିକତାର ଧର୍ମ ହେବା ଉଚିତ୍ । ପୂର୍ବକାଳରେ ମହାନ ବ୍ୟକ୍ତିମାନେ ସାମ୍ବାଦିକତା ଜରିଆରେ ସମାଜ ଓ ଜନଗଣରେ ସଚେତନତା ସୃଷ୍ଟିପାଇଁ ଉଦ୍ୟମ କରୁଥିଲେ । ମାତ୍ର ବର୍ତମାନ ସାମ୍ବାଦିକତା ଏକ ବୃତି ପାଲଟି ଯାଇଛି । ତେବେ ଏହା ଏଭଳି ବୃତି ହେବା ଦରକାର ଯାଦ୍ୱାରା ସମ୍ବାଦପତ୍ର ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭଳି କାମ କରିପାରିବ । ଜନଗଣର ସ୍ୱର ଏଥିରେ ପ୍ରତିଫଳିତ ହେବାର ଆବଶ୍ୟକତା ରହିଛି । ସତ୍ୟ କହିବାର ଶକ୍ତି ହରାଇ ବସିଲେ ସାମ୍ବାଦିକଙ୍କୁ କେହି ନାରଦଙ୍କ ପରବର୍ତୀ ପୀଢି ବୋଲି କହିପାରିବେ ନାହିଁ । ଆଜିର ସାମ୍ବାଦିକମାନେ କ'ଣ ନାରଦଙ୍କ ସାମ୍ବାଦିକ ଗୁଣକୁ ଉପଲବ୍ଧି କରିପାରିବେ ନାହିଁ ।

**ଗୋଲଖ ଚନ୍ଦ୍ର ଦାସ**, ଘିଗିଡିଆ, ବାରୁଅ, କେନ୍ଦ୍ରାପଡା, ମୋ-୯୮୬୧୦୨୮୫୫୩

## 'କୋଣାର୍କ ପରିବାର' ପକ୍ଷରୁ ଅଭିନବ ପ୍ରୟାସ



କୋଣାର୍କ (ପିଏନ୍): ବିଶ୍ୱ ଐତିହ୍ୟ କୋଣାର୍କକୁ ସଂଯୋଗ କରୁଥିବା କୋଣାର୍କ-ପିପିଲି ମୁଖ୍ୟ ରାସ୍ତାଙ୍କର ଦୁର୍ଘଟଣା ରୋକିବା ପାଇଁ ମାଧିପୁର ଛକ ଓ କଲେଜ ଛକରେ ୪ଟି ବଡ ବଡ ହମ୍ପସ ରାଜପଥ ବିଭାଗ ପକ୍ଷରୁ କରାଯାଇଛି । ଏହି ଜାତୀୟ ରାଜପଥରେ ହମ୍ପସ ଅଛି ବୋଲି କୌଣସି ସୂଚନା ନଥିବାରୁ ପ୍ରତେକ ଦିନ ଦୁର୍ଘଟଣାମାନ ଘଟି ଧନ ଜୀବନ ମଧ୍ୟ ଗଲାଣି । ଏହି ହମ୍ପସ ଦୁର୍ଘଟଣା ରୋକିବା ପରିବର୍ତ୍ତେ ହମ୍ପସ ପାଇଁ ପ୍ରତ୍ୟେକ ଦିନ ଦୁର୍ଘଟଣା ବଢିଚାଲୁଛି । ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏହି ସମସ୍ୟା ଦୂର କରିବା ପାଇଁ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'କୋଣାର୍କ ପରିବାର' ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି । ମାଧିପୁର ଛକ ଓ କଲେଜ ଛକରେ ଥିବା ୪ଟି ହମ୍ପସରେ ୨୦ଟି ରେଡିୟମ ଲଗାଇଛନ୍ତି 'କୋଣାର୍କ ପରିବାର'ର ସଦସ୍ୟମାନେ । ଫଳରେ ରାତ୍ର ସମୟରେ ଅନେକାଂଶରେ ଦୁର୍ଘଟଣାକୁ ରୋକାଯାଇ ପାରିଛି । ଏହି ମହନୀୟ କାର୍ଯ୍ୟରେ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, ୩ନମ୍ବର ୱାର୍ଡର କାଉନସିଲର ସମୟରଞ୍ଜନ ସାହୁ, ସାମ୍ବାଦିକ ଅବନୀଭୂଷଣ ବାରିକ, ସାମ୍ବାଦିକ ଦୁର୍ଗାପ୍ରସାଦ ମହାପାତ୍ରଙ୍କ ସମେତ 'କୋଣାର୍କ ପରିବାର'ର ସଭାପତି କାହ୍ନୁଚରଣ ପାତ୍ର, ଉପସଭାପତି ସୁଭାଶିଷ ଦାଶ, ସମ୍ପାଦକ ଅନିଲ ସ୍ୱାଇଁ, କୋଷାଧ୍ୟକ୍ଷ ସତ୍ୟଜିତ ସାହୁ, ପ୍ରତାପ ଜେନା, ବଳରାମ ପାତ୍ର, ସତ୍ୟବ୍ରତ ନାୟକ, ଅଭିଜିତ ଦାସ ସୁଶ୍ରୀ ସମ୍ଭାବନା ପଣ୍ଡା, ଦେବଶକ୍ତି ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟେକ ହମ୍ପସରେ ରେଡିଏମ ଲଗାଇଥିଲେ । 'କୋଣାର୍କ ପରିବାର'ର ସ୍ୱେଚ୍ଛାସେବୀ ସଦସ୍ୟମାନେ ନିଜ ପକେଟ ଖର୍ଚ୍ଚରୁ ସଞ୍ଚିତ ଅର୍ଥରେ ଏହି କାର୍ଯ୍ୟ କରିଛନ୍ତି । ସ୍ୱେଚ୍ଛାସେବୀମାନଙ୍କର ଏଭଳି ସେବା ମନୋବୃତିକୁ ଦେଖି ଲୋକେ ଭୂରୀୟସୀ ପ୍ରଶଂସା କରୁଛନ୍ତି ।

## ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ସମାରୋହ



କୋଣାର୍କ (ପିଏନ୍): ଗତ ରବିବାର ସନ୍ଧ୍ୟାରେ କୋଣାର୍କ ନିକଟସ୍ଥ କିଙ୍ଗସ କୋକୋ ଇକୋ ରିସୋଟ ପରିସରରେ କୋଣାର୍କ ଜ୍ଞାନ ମଂଚ ପକ୍ଷରୁ ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଆରମ୍ଭ ହୋଇଥିଲା ସଭା କାର୍ଯ୍ୟ । ଶୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଭାତରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ପ୍ରଫେସର ଡ. ହରମୋହନ ମିଶ୍ର, ଶ୍ରୀ ଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର ଓ ଗୋପ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ଖଟୋଇ ପ୍ରମୁଖ ମଞ୍ଚାସିନ ହୋଇ ଅଦ୍ୱିତ ବେଦାନ୍ତ, ବ୍ରହ୍ମସୁତ୍ର ଓ ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଫେସର ଡ. ମିନତୀ ମିଶ୍ର ଭଜଗୋବିନ୍ଦମ୍ ଗାନ କରିଥିବା ବେଳେ ଐତିହାସିକ ଗବେଷକ ସଞ୍ଜୀୟ ବରାଳ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜନୈତିକ ପଶାପାଲିରେ ଲିଙ୍ଗିପୁର ଗ୍ରାମପଂଚାୟତ

ଭୁବନେଶ୍ୱର (ପିଏନ୍): ରାଜଧାନୀ ଉପକଣ୍ଠ ଧଉଳି ଥାନା ଅଧିନସ୍ଥ ଲିଙ୍ଗିପୁର ଗ୍ରାମପଂଚାୟତକୁ ଉନ୍ନତ କରିବା ବଦଳରେ ବିଡିଓ ମହାଶୟ କିପରି ଭାବେ ୨୬ଟି ୱାର୍ଡକୁ ଗୋଟିଏ ପିଇଓ ବଦଳୀ କରି ଦାୟିତ୍ୱ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୨୦୧୭ରୁ ଶିଶୁପାଳ ଗ୍ରାମପଂଚାୟତଠାରୁ ଲିଙ୍ଗିପୁର ଗ୍ରାମପଂଚାୟତ ଅଲଗା ହୋଇଛି । ଏହାର ୧୩ ଗୋଟି ୱାର୍ଡ ରହିଅଛି । ଶିଶୁପାଳଗଡର ବି ୧୩ଟି ୱାର୍ଡ ରହିଅଛି । ଜଣେ ପିଇଓ ୨ଟି ଦୁଇଟି ଦାୟିତ୍ୱରେ ରହିଲେ ଉନ୍ନୟନମୂଳକ କାର୍ଯ୍ୟ ନିଶ୍ଚିତ ଭାବରେ ବାଧାପ୍ରାପ୍ତ ହେବ । ଏହାକୁ ଦିଗହରା କରିବା ପାଇଁ ଷଡଯନ୍ତ୍ର ଓ ବଦଳୀରେ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହୋଇଛି । କାହା ସ୍ୱାର୍ଥରେ ଏବଂ କେଉଁ ନିୟମ ବଳରେ ଏଭଳି ପଦକ୍ଷେପ । ପଂଚାୟତ ଗୁଡିକରେ ସମସ୍ୟା କମିବା ପରିବର୍ତେ ଦିନକୁ ଦିନ ବଢିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ଯେ ଗତ ୪ ମେ' ୨୦୨୨ ଦିନ ଭୁବନେଶ୍ୱର ବିଡିଓ ତାଙ୍କର ବଦଳୀ ଆଦେଶ ସଂଖ୍ୟା ୨୧୦୯ରେ ୧୪ ଜଣ ପିଇଓଙ୍କୁ ବଦଳୀ କରିଥିଲେ, ତା ମଧ୍ୟରୁ ସିରିୟଲ ନଂ ୧୪ରେ ଥିବା ପିଇଓଙ୍କୁ ଶିଶୁପାଳଗଡ ଓ ଲିଙ୍ଗିପୁର ଦାୟିତ୍ୱ ଦିଆଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶିଶୁପାଳ ଓ ଲିଙ୍ଗିପୁର ଗ୍ରାମପଂଚାୟତ ମୋଟ ୧୩ଟି ଲେଖାଏଁ ୱାର୍ଡ ରହିଛି । ସମୁଦାୟ ୨୬ଟି ୱାର୍ଡକୁ କେଉଁ ଭାବରେ ବିଡିଓ ମହାଶୟ ଗୋଟିଏ ପିଇଓଙ୍କୁ ତରବରିଆ ଭାବରେ ଦାୟିତ୍ୱ ଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଲିଙ୍ଗିପୁର ଗ୍ରାମ ପଂଚାୟତ କ'ଣ ସରକାରଙ୍କର ସାବତ ପୁଅ କି ? ରାଜ୍ୟ ସରକାର ପଂଚାୟତସ୍ତରକୁ ସୁଦୃଢ କରିବା ପାଇଁ ପଂଚାୟତରେ ସବୁ ସୁବିଧା ସୁଯୋଗ ଦେବା ପାଇଁ ଅପ୍ରାଣ ଉଦ୍ୟମ କରୁଥିବାବେଳେ ଗୋଟିଏ ପିଇଓଙ୍କୁ ୨ଟି ଦାୟିତ୍ୱ ଦେଇ ବିଡିଓ ମହାଶୟ କଣ ପ୍ରମାଣ କରିବାକୁ ଚାହୁଁଛନ୍ତି ସେ ନିଜେ ଜାଣିଥିବେ । ଗ୍ରାମ ପଂଚାୟତରେ ଆସୁଥିବା ବିଭିନ୍ନ ୱାର୍ଡର ସମସ୍ୟା ଯେଉଁଭଳି ଭାବେ ସମାଧାନ ହୋଇପାରିବ ସେଥିପ୍ରତି ବୋଧେ ବିଡିଓ ମହାଶୟଙ୍କ ଭୃକ୍ଷେପ ନାହିଁ । ରାସନ୍ କାର୍ଡଠୁ ଆରମ୍ଭ କରି ଭତା ବଂଟନ, ପାନୀୟ ଜଳ, ରାସନ ସାମଗ୍ରୀ, ପ୍ରତି ୱାର୍ଡର ମାସିକିଆ ବୈଠକର ବିବରଣୀ ରଖିବା ଏବଂ ତାଙ୍କର ସମସ୍ୟା ସମାଧାନକୁ ନେଇ ସଂରପଚ ଏବଂ ବ୍ଲକ କାର୍ଯ୍ୟାଳୟକୁ ପଂହଚାଇବା ଇତ୍ୟାଦି ତାଙ୍କର ମୁଖ୍ୟ କାର୍ଯ୍ୟ । ଏଠାରେ ଗୋଟିଏ ଉଲ୍ଲେଖନୀୟ ଘଟଣା ସାଧାରଣ ପ୍ରଶାସନ ବିଭାଗର ଆଦେଶ ସଂଖ୍ୟା ୧୧୮୧୮/SCS, ଏପ୍ରିଲ ୩୦ରେ ବିଡିଓଙ୍କ ବଦଳୀ ଆଦେଶ କିନ୍ତୁ ଆଶ୍ଚର୍ଯ୍ୟର କଥା ସେହିଦିନ(PEO) ପଂଚାୟତ ଏକ୍ୟୁଜିକ୍ୟୁଟିଭ ଅଫିସରଙ୍କ ବଦଳିର ଆଦେଶ କରାଯାଇଛି । କି ସଂଯୋଗ କଣ ଉଦ୍ଦେଶ୍ୟ ? କାହା ସ୍ୱାର୍ଥରେ PEOମାନଙ୍କ ବଦଳୀ ଏକାଦିନେ । ଏହି ବଦଳୀ ଆଦେଶ ୦୪.୦୫.୨୨ରେ ସମସ୍ତ PEOଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଏବଂ ସେଥିରେ ନିର୍ଦ୍ଦେଶ ଦିଆଯାଇଛି, ତିନିଦିନ ଭିତରେ ଦାୟିତ୍ୱ ହସ୍ତାନ୍ତର କରି ନୂତନ ଭାବେ ବଦଳୀ ହୋଇଥିବା ଯାଗାରେ ଯୋଗଦାନ କରିବେ । ଏଣୁ ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ, ଖୋର୍ଦ୍ଧା ଜିଲ୍ଲାପାଳ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ବଦଳୀ ତାଲିକାକୁ କେନ୍‌ସଲ୍ କରିବାକୁ ସବୁ ସ୍ତରରୁ ଦାବୀ ହେଉଛି । ଏବଂ କେଉଁ ପରିସ୍ଥିତିରେ ଏକାଦିନେ ଆଦେଶ ବାହାରିଲା ତାହା ମଧ୍ୟ ତଦନ୍ତସାପେକ୍ଷ । ଏହି ଅକ୍ଷମଣୀୟ କାର୍ଯ୍ୟାନୁଷ୍ଠାରେ ଦାୟିତ୍ୱହୀନତା କାରଣରୁ କାହିଁକି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ? ଏ ଦିଗରେ ପଂଚାୟତିରାଜ ବିଭାଗ ସମସ୍ତ ଘଟଣାକୁ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ଜନସାଧାରଣଙ୍କର ସ୍ୱାର୍ଥ ଦୃଷ୍ଟିରୁ ଲିଙ୍ଗିପୁର ପଂଚାୟତରେ ଅଲଗା ଭାବେ ପିଇଓ ଅବସ୍ଥାପିତ କରାଯାଉ । ଭୁବନେଶ୍ୱର ବିଡିଓଙ୍କୁ ହ୍ୱାଟସ୍‌ଆପ୍ ଦ୍ୱାରା ଏହି ନିର୍ଦ୍ଦେଶ ପରେ ପ୍ରତକ୍ରିୟା ପାଇଁ ଆମ ପ୍ରତିନିଧି ଜାଣିବାକୁ ଚାହିଁଥିଲେ ମଧ୍ୟ ବିଡିଓ ମହାଶୟ ନୀରବ ।

# ରାଜ୍ୟର ୧୪ ବର୍ଷର ମୁଖ୍ୟମନ୍ତ୍ରୀଙ୍କ ସ୍ମୃତିରକ୍ଷା କରିବାରେ ରାଜ୍ୟ ସରକାରଙ୍କ ଅବହେଳା

ଭୁବନେଶ୍ୱର (ପିଏନ୍)-ଓଡ଼ିଶାର ଗର୍ବ ଓ ଗୌରବ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ତଥା ବରିଷ୍ଠ ଜନନେତା ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୭ମ ଶ୍ରାଦ୍ଧ ଉତ୍ସବ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ କହିଲେ ଯେ ଜାନକୀବାବୁଙ୍କ ୧୪ ବର୍ଷ ଶାସନ କାଳରେ ଓଡ଼ିଶାର ବିକାଶର ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଜାନକୀବାବୁଙ୍କ ଶାସନ କାଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ରରେ ଯେଉଁ ବିକାଶ ହୋଇଥିଲା ଆଜିର ଯୁବ ପିଢ଼ି ପାଖରେ ସେ ବାର୍ତା ପହଂଚାଇବାର ଆବଶ୍ୟକତା ରହିଛି । ଓଡ଼ିଆ ଯୁବକମାନଙ୍କୁ ପ୍ରତିଷ୍ଠିତ କରିବା ପାଇଁ ସେ ହୋଟେଲକୁ ଶିଳ୍ପର ମାନ୍ୟତା ଦେଇଥିଲେ । କୃଷିର ବିକାଶ ପାଇଁ ଜଳସେଚନକୁ ଅଗ୍ରାଧିକାର ଦିଆଯାଇଥିଲା । କିନ୍ତୁ ରାଜ୍ୟ ସରକାର ଏଭଳି ଜଣେ ଦୂରଦୃଷ୍ଟିସଂପନ୍ନ ଜନନେତାଙ୍କ ସ୍ମୃତିରକ୍ଷା କ୍ଷେତ୍ରରେ ଚରମ ଅବହେଳା ପ୍ରଦର୍ଶନ କରିଛନ୍ତି, ଯାହା ଅତ୍ୟନ୍ତ କ୍ଷୋଭର ବିଷୟ । ସ୍ମୃତିଚାରଣ କରି ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ କହିଲେ ଯେ କୃଷକମାନଙ୍କ ପାଇଁ ୧୧ଟି ଚିନିକଳ, ୪୬ଟି ଶୀତଳ ଭଣ୍ଡାର ଓ ୯ଟି ସ୍ପିନିଙ୍ଗ ମିଲ ପ୍ରତିଷ୍ଠା ଜାନକୀବାବୁଙ୍କ ଶାସନ କାଳରେ କରାଯାଇଥିଲା । ତାହା ଏ ସରକାର ସମୟରେ ଇତିହାସ ହୋଇଯାଇଛି । କଂଗ୍ରେସ ସେବାଦଳର ରାଜ୍ୟ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣରେ କହିଲେ କଂଗ୍ରେସ ଭବନ ସମ୍ମୁଖରେ ସ୍ୱର୍ଗତଃ ଜାନକୀବାବୁଙ୍କର ଏକ ପ୍ରତିମୂର୍ତି ସ୍ଥାପନ ପାଇଁ ଆମେ ଦୀର୍ଘ ୭ ବର୍ଷ ହେବ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବୀ କରି ଆସୁଛୁ କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହେଲା ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ଶେଷରେ ସାଧାରଣ ସଂପାଦକ ଚିନ୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ମନୋରଂଜନ ଦାଶ, ମୁଖପାତ୍ର ରଜନୀ ମହାନ୍ତି, କଂଗ୍ରେସ ନେତା ପ୍ରକାଶ ମିଶ୍ର, ସତ୍ୟସ୍ମିତ ମହାନ୍ତି, ଆଲୋକ ମହାନ୍ତି, ମିହିର ଆଚାର୍ଯ୍ୟ, ସୁଭାଷ ପ୍ରଧାନ, ଭାସ୍କର ସେଠୀ, ମନୋରଂଜନ କୁଣ୍ଡୁ, କୁଳମଣି ସାହୁ, ମହମ୍ମଦ ସହାଦୁଲ୍ଲା, ସତ୍ୟବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀରାମ ସେବା ସଂଗଠନର ଜଳଛତ୍ର ଓ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)- ବାଲେଶ୍ୱରରେ ଶ୍ରୀରାମ ସେବା ସଂଗଠନର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ତିନିଦିନ ଧରି ରନ୍ଧା ଖାଦ୍ୟ ବଣ୍ଟନ ସହିତ ବାଲେଶ୍ୱର ରେଲୱେ ଷ୍ଟେସନ ସାମ୍ନାରେ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି । ବାଲେଶ୍ୱରର ସିନେମା ଛକ, ବସ ଷ୍ଟାଣ୍ଡ, ମେଡିକାଲ, ଆଇଟିଆଇ ଛକ ଓ ସାଇ ମନ୍ଦିର ପ୍ରଭୃତି ସ୍ଥାନମାନଙ୍କରେ ଗରିବ ଅସହାୟ ଲୋକମାନଙ୍କୁ ଶ୍ରୀରାମ ସେବା ସଂଗଠନର ସଦସ୍ୟ ମାନେ ଏକ ଗାଡ଼ି ସାହାଯ୍ୟରେ ବୁଲି ବୁଲି ରନ୍ଧାଖାଦ୍ୟ ବଣ୍ଟନ କରିଥିଲେ । ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରେଲୱେ ଷ୍ଟେସନଠାରେ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇ ଦହି ସରବତ ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି । ଏହି କାର୍ଯ୍ୟକ୍ରମକୁ ସଭାପତି କୃତିବାସ ମହାନ୍ତି, ସହସଂପାଦକ ଚିତ୍ତରଞ୍ଜନ ମହାନ୍ତି, ସନ୍ତୋଷ କୁମାର ଜେନା ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ଶୁଭକାନ୍ତ ଶ୍ରୀକାନ୍ତ ନନ୍ଦ ଚନ୍ଦନେଶ୍ୱର ଚତଧାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ସଂଗଠନର ଏହିଭଳି କାର୍ଯ୍ୟକ୍ରମକୁ ବାଲେଶ୍ୱର ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରିବା ସହିତ ସଂଗଠନର ଉତ୍ତରୋତର ଉନ୍ନତି କାମନା କରିଥିଲେ ।

### ଗୋରୁ ବୋଝେଇ କଂଟେନର ଜବତ

ଖୋର୍ଦ୍ଧା (ପିଏନ)-ବେଗୁନିଆ ଥାନା ଅନ୍ତର୍ଗତ ବାଘମାରୀ-କଂଟିଲୋ ୪୮ ନମ୍ବର ଜାତୀୟ ରାଜପଥରେ ବିଳମ୍ବିତ ରାତିରେ ଏକ ଗୋରୁବୋଝେଇ କଂଟେନର ବଡବେରଣା ଗ୍ରାମ ନିକଟରୁ ପୋଲିସ ଜବତ କରିବା ସହ ଅଭିଯୁକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ସୂଚନା ମୁତାବକ କୁଶପଲ୍ଲୀ ଗ୍ରାମରୁ ଏକ ଓଆର ୦୨ ବିଟି ୦୨୧୬ ନମ୍ବର ବିଶିଷ୍ଟ କଂଟେନରରେ ୩୫ଟି ଗୋରୁ ବୋଝେଇ କରି ୪୮ ନମ୍ବର ଜାତୀୟ ରାଜପଥରେ କଂଟିଲୋ ଅଭିମୁଖେ ଯାଉଥିବା ସମୟରେ ପୋଲିସ ଗାଡିକୁ ଜବତ କରିବା ସହ ଗାଡିର ଚାଳକ ମହମ୍ମଦ ସିରାଜଉଦ୍ଦିନ (୫୨), ଆବଦୁଲ ସାମସୁଦ୍ଦିନ ଖାଁ (୪୧) ଓ ଅତାରୁ ଖାଁ (୩୨)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛି ।

## ପ୍ରାକ୍ତନ ଛାତ୍ର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ କେନ୍ଦ୍ରାପଡା କଲେଜରେ ସମ୍ବର୍ଦ୍ଧନା




କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୧୯୮୦ - ୮୨ ବ୍ୟାଚର ଛାତ୍ର ତଥା ବର୍ତ୍ତମାନର କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନର କମିଶନର ଡଃ. ସୁରେଶ ଚନ୍ଦ୍ର ଦଳାଇଙ୍କୁ କଲେଜର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ପୁରାତନ ଛାତ୍ର ଓ ପରିଚାଳନା ପରିଷଦ ପକ୍ଷରୁ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରାକ୍ତନ ଇଂରାଜୀ ଅଧ୍ୟାପକ ତଥା ତାଙ୍କର ଶିକ୍ଷକ ଦୁର୍ଯୋଧନ ପରିଡା ତାଙ୍କ ପରିଚିତି ସମ୍ପର୍କରେ ଅବଗତ କରାଇବା ସହ କଲେଜର ସମସ୍ୟା ପ୍ରତି ନିଜ କାର୍ଯ୍ୟ ଜରିଆରେ ସେ ସମ୍ପୃକ୍ତି ପ୍ରକାଶ କରିଥିବା ପ୍ରତିବଦ୍ଧତାର ମଧ୍ୟ ସୂଚନା ଦେଇଥିଲେ । ପୁରାତନ ଛାତ୍ର ସଂସଦର ସଭାପତି ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦ କିଶୋର ପରିଡା ଆଶୀର୍ବଚନ ସହ କଲେଜକୁ ବିଶ୍ୱ ବିଦ୍ୟାଳୟ କରିବା ନିମିତ୍ତ ଆବଶ୍ୟକ ଭିତ୍ତିଭୂମୀ ଯୋଗାଡ ପାଇଁ ତାଙ୍କ ସହଯୋଗ କାମନା କରିଥିଲେ । କଲେଜ ପରିଚାଳନା ପରିଷଦର ଅଧ୍ୟକ୍ଷ ଡା. ବାସୁଦେବ ପାତ୍ର କଲେଜ ଜମି ସମସ୍ୟାର ସମାଧାନ ପ୍ରସଙ୍ଗ ଅବଗତ କରାଇଥିଲେ । ପ୍ରାକ୍ତନ ଅଧ୍ୟକ୍ଷ ଡଃ. ସେକ ସମସୁର, ପରିଚାଳନା ପରିଷଦ ସଭ୍ୟ ଅଧ୍ୟାପକ ଅଜୟ ସାମଲ ଓ ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ତାଙ୍କୁ ଫୁଲତୋଡା ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ନିଜ ମାତୃ ଶିକ୍ଷାକେନ୍ଦ୍ରର ବିକାଶ ପାଇଁ ନିଜ ସାମର୍ଥ୍ୟ ମତେ ସମସ୍ତ ସହାୟତା ଯୋଗାଇଦେବାକୁ ସେ ସଭାରେ ପ୍ରକାଶ କରିଥିଲେ । ଏହି ଅବସରରେ ସେ ମଧ୍ୟ କଲେଜର ଜମିଜମା ଦାୟିତ୍ୱ ବୁଝୁଥିବା ପ୍ରାକ୍ତନ ଅଧ୍ୟାପକ ବାସୁଦେବ ଦାସଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନୀତ କରିଥିଲେ । ଏହି ସଭାରେ ପଟ୍ଟାମୁଣ୍ଡାଇ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ, ଛତିଆ ମହାପୁରୁଷ ହାଡିଦାସ କଲେଜର ଇଂରାଜୀ ବିଭାଗ ମୁଖ୍ୟ ଡଃ. ବିଶ୍ୱନାଥ ଦାସ, ଅବସରପ୍ରାପ୍ତ ଅଧ୍ୟାପକ ଡଃ. ପ୍ରମୋଦ ଦାସ ଅଧ୍ୟାପକ ଡଃ. ସଞ୍ଜିବ ମହାନ୍ତି, ମେଜର ମନୋରଞ୍ଜନ ମହାନ୍ତି, ରାମଚନ୍ଦ୍ର ପାତ୍ର, ଗୌର ପ୍ରସାଦ ଷଡଙ୍ଗୀ, ଅଶୋକ ଦାସ, ଅଧ୍ୟାପିକା ଡଃ. ରତ୍ନମଞ୍ଜରୀ ଦାଶ, ଡଃ. ପୌର୍ଣ୍ଣମାସୀ ପଣ୍ଡା, କ୍ୟାପ୍ଟେନ ସୀମା ମହାନ୍ତି, ମୁଖ୍ୟ ଅଫିସ ସହାୟକ ରଞ୍ଜନ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ ରଞ୍ଜିତ କୁମାର ଦାସ, ଡଃ. ପ୍ରଭାକର ମଲ୍ଲିକ ଓ ସୁବ୍ରତ ପାତ୍ର ପ୍ରମୁଖ ଏଥିରେ ସକ୍ରିୟ ସହଯୋଗ କରିଥିଲେ । ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ

## ଅଠରଗଡ଼ ରଜକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଖୋର୍ଦ୍ଧା । (ପିଏନ୍)-ଅଠରଗଡ଼ ରଜକ ସଂଘର ବାର୍ଷିକ ଉତ୍ସବ ଖୋରଧା ମା'ବରୁଣେଇଙ୍କ ପୀଠରେ ସଂଘର ସଭାପତି ଭାଗିରଥୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କୋଷାଧ୍ୟକ୍ଷ ଅଜୟ କୁମାର ସେଠୀ ସ୍ୱାଗତ ଜଣାଇବା ପରେ ସାଧାରଣ ସମ୍ପାଦକ ଜୟଦେବ ସେଠୀ ବାର୍ଷିକ ବିବରଣୀ ପାଠ କରି ସଂଘର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାୟ ୪ଟି ବିଧାନସଭା କ୍ଷେତ୍ର ମଧ୍ୟରେ ଥିବା ସଂଘର ୩୪ଟି ଗଡ଼ ବେହେରାମାନଙ୍କୁ ଏବଂ ଗତ ପଂଚାୟତ ଓ ପୌର ନିର୍ବାଚନରେ ବିଜୟୀ ନିର୍ବାଚିତ ପ୍ରତିନିଧିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରିୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ସଂଘର ସର୍ବୋଚ୍ଚ ସେବା ସମ୍ମାନ ଅଠରଗଡ଼ ଗୌରବ ୨୦୨୨ ଲକ୍ଷ୍ମଣ ସେଠୀଙ୍କୁ ଓ ମରୋଣତୋରଭାବେ ପରମାନନ୍ଦ ସେଠୀଙ୍କୁ ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଉତ୍କଳ ରଜକ ମହାସଂଘ ଓଡ଼ିଶାର ପଦାଧିକାରୀ ଓ ଅନ୍ୟମାନଙ୍କ ମଧ୍ୟରେ ମନୋଜ ସେଠୀ, ରବିନ୍ଦ୍ର କୁମାର ସେଠୀ, ଗୋବିନ୍ଦ ଚନ୍ଦ୍ର ସେଠୀ ମଂଚାସୀନ ଥିଲେ । ଆଇନ ପରାମର୍ଶ ଦାତା ଅଜୟ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




2024-2025
ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2023
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର




ଭୁବନେଶ୍ୱର, (ପି.ଏନ): କେନ୍ଦ୍ରରେ ବି.ଜେ.ପି଼ ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀରେ ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି। ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ। ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି। ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଦନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ। ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇଓଗଝ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଗଝ ର ସଦସ୍ୟ ଥିଲେ। ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ। ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ। ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା। ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ। ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା। ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି। ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି।ସୂଚନାଯୋଗ୍ୟ, ଆଜି ସକାଳେ ମଧାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି। ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ। ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି।ଏହାର ସମାଧାନ ଆମ ନିଜ ପାଖରେ ଅଛି।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝରର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମ୍ବୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ।

## ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି। ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି। କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି। ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି। ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି। ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି।

## ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି। ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ। ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି। ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି। ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Tuesday March 12, 2024 ଭୁବନେଶ୍ୱର ମଙ୍ଗଳବାର, ମାର୍ଚ୍ଚ ୧୨ ,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ବାସ୍ତବ ରୂପ ନେଲା ସିଏଏ, ଜାରି ହେଲା ବିଜ୍ଞପ୍ତି

ଭୁବନେଶ୍ୱର,୧୧।୩(ପି.ଏନ): ଦୀର୍ଘ ୫ ବର୍ଷ ତଳୁ ଆଇନରେ ପରିଣତ ହୋଇ ସାରିଥିବା ନାଗରିକତ୍ୱ ସଂଶୋଧନ ଆଇନ ବା ସିଏଏ ବାସ୍ତବ ରୂପ ନେଇଛି। ଠିକ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଏହାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସିଏଏରେ ବ୍ୟବସ୍ଥିତ ହୋଇଥିବା ଆଇନ ସାର୍ବଜନୀନ କରାଯାଇଛି। ଏନେଇ ମନ୍ତ୍ରଣାଳୟ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରିଛି। ଏହାର ଅର୍ଥ ଆଜି ଠାରୁ ଦେଶରେ ସିଏଏ ଲାଗୁ ହୋଇଛି। ଏଣିକି ଭାରତରେ ଶରଣାର୍ଥୀ ଜୀବନ କାଟୁଥିବା ଅନ୍ୟ ଦେଶର ଲୋକମାନେ ନାଗରିକତା ପାଇପାରିବେ। କେବଳ ମୁସଲମମାନଙ୍କୁ ଛାଡି ଅନ୍ୟ ସମସ୍ତଙ୍କୁ ଭାରତର ସରକାର ନାଗରିକତା ଦେବେ।



## ଆସନ୍ତାକାଲି ସୁଦ୍ଧା ନିର୍ବାଚନୀ ବଣ୍ଡ ତଥ୍ୟ ଦାଖଲ କରିବାକୁ ଏସବିଆଇକୁ ସୁପ୍ରିମ କୋର୍ଟଙ୍କ ତାଗିଦ

ଭୁବନେଶ୍ୱର, (ପି.ଏନ): ୨୬ ଦିନ କ'ଣ କଲ ଆମେ ଆପଣଙ୍କୁ ତଥ୍ୟ ଦାଖଲ କରିବାକୁ କହିଥିଲୁ। ତଥ୍ୟ ମିଳାଇବା ପାଇଁ କୁହାଯାଇନଥିଲା। ଆପଣ ନିର୍ଦ୍ଦେଶର ପାଳନ କରନ୍ତୁ। ଆସନ୍ତାକାଲି ସୁଦ୍ଧା ସମସ୍ତ ତଥ୍ୟ ଦାଖଲ କରନ୍ତୁ।' ଇଲେକ୍ଟୋରାଲ ବଣ୍ଡ ମାମଲାରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଏଭଳି କିଛି ପ୍ରଶ୍ନ କରି ତା'ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ। ଏଥିସହ ବିବରଣୀ ଦାଖଲ କରିବା ପାଇଁ ବ୍ୟାଙ୍କ ଯେଉଁ ସମୟ ମାଗିଥିଲା, ସେହି ଆବେଦନକୁ ଅଦାଲତ ଖାରଜ କରି ଦେଇଛନ୍ତି।ନିର୍ବାଚନ ଆୟୋଗଙ୍କ ନିକଟରେ ନିର୍ବାଚନ ବଣ୍ଡର ବିବରଣୀ ଦାଖଲ କରିବାକୁ ଏସବିଆଇ ଜୁନ୍ ୩୦ ପର୍ଯ୍ୟନ୍ତ ସମୟ ମାଗିଥିଲା। ଏବେ ଏହି ଆବେଦନକୁ ଖାରଜ କରି ମାର୍ଚ୍ଚ ୧୨ ସୁଦ୍ଧା କାର୍ଯ୍ୟ ସମୟ ଶେଷ ହେବା ଭିତରେ ନିର୍ବାଚନ ବଣ୍ଡର ସବିଶେଷ ତଥ୍ୟ ପ୍ରକାଶ କରିବାକୁ ସୁପ୍ରିମକୋର୍ଟ ଏସ୍‌ବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ୧୫ ତାରିଖ ସୁଦ୍ଧା ଡାଟା ଉପଲବ୍ଧ କରବାକୁ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ।




## ୧୫ ହଜାର ନେଇଥିଲେ, ଆଉ ୮ ହଜାର ନେବା ବେଳେ ଧରାପଡିଲେ

ଭୁବନେଶ୍ୱର, (ପି.ଏନ): ଭିଜିଲାନ୍ସ ଜାଲରେ ପଡିଛନ୍ତି କୁଚିଣ୍ଡା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜଙ୍ଗଲ ଜମି ବିଭାଗର ସଂଯୋଜିକା ନିଘତ ପରବୀନ ଓରଫ ରୋଜା। ଜଙ୍ଗଲ ଜମି ପଟ୍ଟା କରି ଦେବା ପାଇଁ ଜଣେ ହିତାଧିକାରୀଙ୍କ ଠାରୁ ୮ ହଜାର ଟଙ୍କା ଲାଞ୍ଚ ନେବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ।କିଛି ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ଦେବା ପାଇଁ ନିଘତ ପରବୀନ ୨୩ ହଜାର ଟଙ୍କା ମାଗିଥିଲେ। ପ୍ରଥମ କିସ୍ତିରେ ସେ ୧୫ ହଜାର ଟଙ୍କା ନେଇଥିଲେ। ଅଭିଯୋଗ ଅନୁଯାୟୀ, ବାକି ୮ ହଜାର ଟଙ୍କା ନଦେଲେ କାମ ହେବ ନାହିଁ ବୋଲି ସେ କହିଥିଲେ।



## ମେଣ୍ଟ ଚାହୁଁଛି କିଏ ?

ଭୁବନେଶ୍ୱର, (ପି.ଏନ): ଭାରତୀୟ ଜନତା ପାର୍ଟିର ଓଡିଶା ଶାଖା ସଭାପତି ମନମୋହନ ସାମଲ ଏଯାଏଁ ତାଙ୍କ ଦଳ ବିଜୁ ଜନତା ଦଳ ସହିତ ମେଣ୍ଟ ନେଇ ଆଗ୍ରହ ପ୍ରକାଶ କରିନାହାନ୍ତି। ଅଧିକନ୍ତୁ ସେ ପ୍ରଥମ ଥର ଦିଲ୍ଲୀ ଯିବା ପୂର୍ବରୁ ଓ ଦିଲ୍ଲୀରୁ ଫେରିବା ପରେ ତାଙ୍କ ଦଳ ମେଣ୍ଟ ଆଲୋଚନା କରିନାହିଁ ବୋଲି କହିଛନ୍ତି। ତାଙ୍କ ଦଳର ଅନ୍ୟ ବହୁ ନେତା ଓଡିଶାରେ ବିଜେପି ସରକାର ଗଠନ କରିବ ବୋଲି ବାରମ୍ବାର କହିଚାଲିଛନ୍ତି। ଏପରିକି ଦଳର ଜଣେ ଆଗ ଧାଡିର ନେତା ପୃଥ୍ୱୀରାଜ ହରିଚନ୍ଦନ ତାଙ୍କ ଦଳ ଏକଲା ଲଢ଼ିବ ଓ ମେଣ୍ଟ ହେବାର ସମ୍ଭାବନା ନାହିଁ ବୋଲି ମଧ୍ୟ କହିଛନ୍ତି।ଠିକ ସେହିପରି ମେଣ୍ଟ ନେଇ ଗଣମାଧ୍ୟମରେ ଚର୍ଚ୍ଚା ବଢ଼ିବା ସହିତ ବିଜେପି ନେତାମାନେ ମେଣ୍ଟକୁ ଆଲୋଚନାକୁ ଅସ୍ୱୀକାର କରିବା ପରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ତାଙ୍କ କଥା ବୁଝୁଥିବା ପୂର୍ବତନ ବାବୁ ଓ ଏବେକାର ନେତା ଭୈରବ କାର୍ତ୍ତିକେୟନ ପାଣ୍ଡିଆନଙ୍କ ମଧ୍ୟରେ ଗୋଟେ ଧାଡିକିଆ ଆଲୋଚନାର ଭିଡିଓ ବିଜେଡି ତରଫରୁ ଜାରି ହେଲା, ଯେଉଁଥିରେ ନବୀନ ପଟ୍ଟନାୟକ କହୁଛନ୍ତି ଗୁଜବ ଏକ ମିଛ କଥା। ଏହା ଏକ ଚିରନ୍ତନ ସତ୍ୟ। ଗୁଜବ ଏକ ମିଛ କଥା ବୋଲି ପିଲାଠୁଁ ବୁଢ଼ାଯାଏଁ ସମସ୍ତେ ଜାଣିଛନ୍ତି। ନବୀନବାବୁ କାହିଁକି ଏକଥା କହିଲେ ? ରାଜ୍ୟ ରାଜନୀତିରେ ଉଠିଥିବା ମେଣ୍ଟ ଚର୍ଚ୍ଚା ଓ ତାହାକୁ ବିଜେପି ଖାରଜ କରିଚାଲିଥିବାରୁ ସେ ଏହି କଥା କହି ବିଜେପିକୁ ଗୁଜବ ରଟନାକାରୀ ବୋଲି ଇଙ୍ଗିତ କରିଛନ୍ତି ଓ ସେମାନେ ଯାହା କହୁଛନ୍ତି ତାହା ମିଛ ବୋଲି ପରୋକ୍ଷ ବାର୍ତ୍ତା ଦେଇଛନ୍ତି। ଏହି ଭିଡିଓଟି ପାଣ୍ଡିଆନଙ୍କ ତରଫରୁ ହିଁ ପ୍ରଘଟ କରାଯାଇଛି। ତେବେ, ଯଦି ଏହି ଭିଡିଓ ବାର୍ତ୍ତା ଜରିଆରେ ମେଣ୍ଟ ଗୁଜବ ଏକ ମିଛ କଥା ବୋଲି କହିବାକୁ ଚାହିଁଥିବେ ତେବେ ବୁଝିବାକୁ ହେବ ଯେ ସେ ବା ପାଣ୍ଡିଆନ ମଧ୍ୟ ବିଜେପି ସହିତ ମେଣ୍ଟ କରିବାକୁ ଚାହୁଁ ନାହାନ୍ତି।ତା' ହେଲେ, ଏ ଦୁଇ ଦଳ ମଧ୍ୟରେ ପ୍ରାକ୍ ? ନିର୍ବାଚନୀ ମେଣ୍ଟ ହେଉ ବୋଲି କିଏ ଚାହୁଁଛି ? କ'ଣ କୌଣସି ତୃତୀୟ ପକ୍ଷ ? ଅବଶ୍ୟ ତୃତୀୟ ପକ୍ଷମାନେ ଯେତେବେଳେ ଓଡିଶା ରାଜନୀତିକୁ ନିୟନ୍ତ୍ରିତ କରୁଛନ୍ତି ସେତେବେଳେ



ଏପରି ସମ୍ଭାବନା ଆଦୌ ନିରାଧାର ନୁହେଁ।୨୦୦୯ ମସିହାରେ ବିଜେପିର ଚନ୍ଦନ ମିତ୍ରଙ୍କୁ ନବୀନ ନିବାସରୁ ବିଦାୟ ଦେଇ ମେଣ୍ଟରୁ ଓହରି ଆସିବା ପରଠାରୁ ନବୀନବାବୁଙ୍କ ଦଳ ଓଡିଶାରେ ଅଧିକରୁ ଅଧିକ ଆସନ ଓ ଭୋଟ୍ ? ପାଇ ଚାଲିଛି। ଏପରିକି ୨୦୧୯ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ସହଯୋଗୀ ଅମିତ ଶାହ ନବୀନବାବୁଙ୍କର ଯାବତ ଅପାରଗତା, ଦୁର୍ନୀତି ଓ ଉଦାସୀନତା ବିରୋଧରେ ପ୍ରଚାର କଲେ ମଧ୍ୟ ତାଙ୍କ ପାର୍ଟି ଆଶାନୁରୂପକ ସଫଳତା ପାଇଲା ନାହିଁ, ଓଲଟି ବିଜେଡି ଅଧିକ ଭୋଟ ଓ ଆସନ ପାଇଲା। ଏହି ରେକର୍ଡକୁ ଆଖି ଆଗରେ ରଖି ବିଜେଡି ନେତାମାନେ ବାରମ୍ବାର ଦାବି କରି ଆସୁଛନ୍ତି ଯେ ୨୦୨୪ରେ ବିଜେଡି ସବୁ ରେକର୍ଡ ଭାଙ୍ଗିବ ଓ ୧୨୮ ବିଧାନସଭା ଆସନ ପାଇବ। ମେଣ୍ଟ ଚର୍ଚ୍ଚା ଜୋର୍ ? ଧରିବା ପରେ ତାହାକୁ ଖାରଜ କରିବା ଢଙ୍ଗରେ ଜଣେ ବିଜେଡି ନେତା କହିଛନ୍ତି ମେଣ୍ଟ ହେଉ କି ନହେଉ ବିଜେଡି ୧୧୦ ଆସନରୁ କମ୍ ? ପାଇବ ନାହିଁ। ବିଜେଡି ଏକ ଆଞ୍ଚଳିକ ଦଳ। ଏହା ଦିଲ୍ଲୀରେ ସରକାର ଗଠନ କରିପାରିବ ନାହିଁ। ଓଡିଶାରେ ଶାସନ କ୍ଷମତାରେ ରହିବା ଓ ଦଳୀୟ ଏମପିମାନେ ରାଜ୍ୟର ସ୍ୱାର୍ଥ ହାସଲ ପାଇଁ ଦିଲ୍ଲୀ ସରକାରଙ୍କ ଉପରେ ଚାପ ପକାଇବା ହେଉଛି ବିଜେଡିର ଏକମାତ୍ର ରାଜନୀତିକ ଉଦ୍ଦେଶ୍ୟ। ଯଦି ଦଳ ଏକଲା ଲଢ଼ି ସରକାର ଗଠନ କରିପାରୁଛି, ନବୀନବାବୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇପାରୁଛନ୍ତି ତେବେ ୧୫ ବର୍ଷ ତଳେ ବିଜେପିକୁ ସାଂପ୍ରଦାୟିକ ଦଳ କହି ମେଣ୍ଟରୁ ଓହରି ଆସିଥିବା ନବୀନବାବୁ ପୁଣି କେଉଁ ବାଧ୍ୟବାଧକତାରେ ସେହି ଦଳ ସହିତ ବୁଝାମଣା କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ?ଠିକ ସେହିପରି ବିଜେଡିକୁ ସାଙ୍ଗରେ ନନେଲେ ଯେ ନରେନ୍ଦ୍ର ମୋଦିଙ୍କର ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବା ସ୍ୱପ୍ନ ସାକାର ହେବ ନାହିଁ, ଏଭଳି ପରିସ୍ଥିତି ଏବେ ଭାରତୀୟ ରାଜନୀତିରେ ଦେଖାଯାଉ ନାହିଁ। ମୋଦିଙ୍କର ଏନଡିଏ ମେଣ୍ଟ ପାଇଁ ଚାଲେଞ୍ଜ ସୃଷ୍ଟି କରିବ ବୋଲି ଆଶା କରାଯାଉଥିବା ଇଣ୍ଡି ମେଣ୍ଟ ଗଠନ ପରଠୁଁ ଦୁର୍ବଳ ହୋଇଚାଲିଥିବା ବେଳେ ଏନଡିଏରେ ନୂଆ ନୂଆ ପାର୍ଟି ଯୋଡି ହୋଇଚାଲିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେବି ଦେଶର ସବୁଠୁ ଲୋକପ୍ରିୟ ନେତା। ବିଶ୍ୱ ରାଜନୀତିରେ ମଧ୍ୟ ତାଙ୍କର ପ୍ରଭାବ ଓ ପତିଆରା ପ୍ରତିଷ୍ଠିତ। ବିପକ୍ଷରେ ତାଙ୍କ ସମକକ୍ଷ ଦକ୍ଷ ଓ ଲୋକପ୍ରିୟ ନେତା ନାହାନ୍ତି କହିଲେ ଚଳେ। ଉତ୍ତର ପ୍ରଦେଶ, ବିହାର, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ଓ ଗୁଜରାଟ ଆଦି ଦେଶର ବଡ ବଡ ରାଜ୍ୟରେ ବିଜେପି ଏକଲା କିମ୍ବା ଅନ୍ୟ ଦଳ ସହ ମେଣ୍ଟ କରି ସରକାରରେ ଅଛି। ଏହି ଛଅଟି ରାଜ୍ୟରେ ମୋଟ ଲୋକସଭା ଆସନ ସଂଖ୍ୟା ହେଉଛି ୨୪୮। ସେହିପରି ଆସାମ, ହରିଆଣା, ଗୋଆ, ଛତିଶଗଡ, ଉତ୍ତରାଖଣ୍ଡ ଆଦି ରାଜ୍ୟରେ ୪୨ଟି ଲୋକସଭା ଆସନ ରହିଛି। ଏସବୁ ରାଜ୍ୟରେ ଏବେ ବିଜେପିର ଏକକ ସରକାର କ୍ଷମତାସୀନ। ଏହା ବାଦ ପଶ୍ଚିମ ବଙ୍ଗ, କର୍ଣ୍ଣାଟକ ଓ ଓଡିଶାରେ ମଧ୍ୟ ବିଜେପି ଗତ ଲୋକସଭା ନିର୍ବାଚନରେ ବେଶ୍ ? ଭଲ ପ୍ରଦର୍ଶନ କରିଥିଲା। ଏଥର ସେହି ପ୍ରଦର୍ଶନ ନବ ?ଲେ ବି ବିଜେପି ଲୋକସଭାରେ ଏକକସଂଖ୍ୟାଗରିଷ୍ଠତା ପାଇବା ଓ ନରେନ୍ଦ୍ର ମୋଦି କ୍ରମାଗତ ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବା ଏକ ପ୍ରକାର ନିଶ୍ଚିତ। ତଥାପି, କାହିଁକି ବିଜେପି ଓଡିଶାରେ ବିଜେଡିକୁ ପୁଣି ଥରେ ସାଙ୍ଗରେ ନେବାକୁ ଚାହୁଁଛି ?ଏହାର ଦୁଇଟି କାରଣ ଥାଇପାରେ। ଗୋଟିଏ କାରଣ ହେଉଛି ଓଡିଶାରେ ନବୀନ ପଟ୍ଟନାୟକ ଯେପରି ଗଲା ୨୪ ବର୍ଷ ଧରି ବିରୋଧୀ ଦଳଙ୍କୁ ନିର୍ମୂଳ କରି ଏକନାୟକତ୍ୱ ଚଳାଇଛନ୍ତି ହୁଏତ କେନ୍ଦ୍ରରେ ତାହାର ପୁନରାବୃତ୍ତି କରିବାକୁ ଚାହୁଁଥାଇ ପାରନ୍ତି ନରେନ୍ଦ୍ର ମୋଦି ଓ ଅମିତ ଶାହ। ନବୀନ ପଟ୍ଟନାୟକଙ୍କ ରାଜନୀତିରେ ଓଡିଶାରେ କୌଣସି ବିପକ୍ଷ ଦଳ କି ବିକଳ୍ପ ନେତା ଉଧେଇ ପାରି ନାହାନ୍ତି। ଯିଏ ଯେଉଁଠି ଟିକେ ମୁଣ୍ଡ ଟେକିଛି ତାଙ୍କୁ ନବୀନବାବୁ ବିଭିନ୍ନ ପ୍ରକାର ପ୍ରରୋଚନା ଓ ପ୍ରଲୋଭନରେ ନିଜର କରିସାରିଛନ୍ତି। ଏହି କ୍ରମରେ ସେ ବିଜେପି ସହାୟତାରେ ପ୍ରଥମେ କଂଗ୍ରେସକୁ ଦୁର୍ବଳ କଲେ। ଏ ଧାରା ୨୦୦୦ରୁ ୨୦୦୯ ଯାଏଁ ଚାଲିଥିଲା। ୨୦୦୯ ପରେ ସେ କଂଗ୍ରେସ ଓ ଅନ୍ୟ ଧର୍ମନିରପେକ୍ଷ ଦଳଙ୍କ ସହାୟତାରେ ବିଜେପିକୁ ଦୁର୍ବଳ କଲେ। ପୁଣି ୨୦୧୪ ନିର୍ବାଚନ ସମୟରୁ କଂଗ୍ରେସକୁ ମୂଳପୋଛ କରି ନିଜ ଦଳକୁ ଶକ୍ତିଶାଳୀ କଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray